# ପୃଥକ ଦୁର୍ଘଟଣା; ୨ମୃତ

## ଟ୍ରେନ୍ ଧକ୍କାରେ କି-ମ୍ୟାନଙ୍କ ମୃତ୍ୟୁ

### ବର୍ଷା ସାଜିଲା କାଳ, ରେନିକୋଟ୍ ପାଇଁ ଶୁଭିଲାନି ହର୍ଣ୍ଣ

**ବୁର୍ଲା, ୨୦।୩(ସମିସ):** ହୀରାକୁଦ ରେଳ ଷ୍ଟେସନ ନିକଟରେ ଟ୍ରେନ୍ ଦୁର୍ଘଟଣାରେ ଆଜି ସକାଳୁ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ରେଳ ବିଭାଗରେ ନିୟୋଜିତ ଥିବାବେଳେ ବୁର୍ଲା ଥାନା କଟାପାଲି ଅଞ୍ଚଳର ସଞ୍ଜୟ କୁମାର ରାଉତ(୫୪)ଙ୍କ ଦୁର୍ଘଟଣାରେ ପ୍ରାଣହାନୀ ହୋଇଛି।



ଟ୍ରେନ୍ ନମ୍ବର ୧୨୧୪୬ ଏଲଟିଟି ଏକ୍ସପ୍ରେସ ଧକ୍କା ଦେଇଥିବା ଜିଆରପି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ସଞ୍ଜୟ ଜଣେ କି-ମ୍ୟାନ ଭାବେ ରେଳ ବିଭାଗରେ କାର୍ଯ୍ୟ କରୁଥିଲେ। କାଳବୈଶାଖୀ ପ୍ରଭାବରେ ସମ୍ବଲପୁରରେ ମଧ୍ୟ ବର୍ଷା ହେଉଛି। ସେଥିପାଇଁ ଆଜି ସେ ରେନିକୋଟ ପିନ୍ଧି ରିପୋର୍ଟ କରିବାକୁ ଯାଇଥିଲେ। ଟ୍ରାକରେ କାର୍ଯ୍ୟରତ ଥିବା ସମୟରେ ଏଲଟିଟି ଏକ୍ସପ୍ରେସ ଆସୁଥିଲା। ପୂର୍ବରୁ ଟ୍ରାକରେ କେହି ଛିଡା ହୋଇଥିବା ନେଇ ହର୍ଣ୍ଣ ମଧ୍ୟ ମାରିଥିବା ଲୋକୋ ପାଇଲଟ କହିଛନ୍ତି। ହେଲେ ରେନିକୋଟ ପିନ୍ଧି ଥିବାବେଳେ ସଞ୍ଜୟଙ୍କୁ ଶବ୍ଦ ଶୁଭିନଥିଲା। ଯାହା ଫଳରେ ଦୁର୍ଘଟଣା ଘଟିଥିବା ସମ୍ବଲପୁର ଜିଆର୍‌ପି କହିଛି।

## ଟ୍ରକ୍ ପଛପଟେ ପିଟିହେଲା ବାଇକ୍, ଚାଳକ ଗୁରୁତର

**ବୁର୍ଲା, ୨୦।୩(ସମିସ):** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ଗୋଶାଳା ଓମ୍‌ଫେଡ ସମ୍ମୁଖରେ ଏକ ଟ୍ରକ୍‌କୁ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବାଇକ ଚାଳକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାଯୋଗ୍ୟ, ବାଇକ୍‌ରେ ଦମ୍ପତି ବରଗଡ଼ ପଟରୁ ପୁଅ ଶାଶୁଘର ସମ୍ବଲପୁର ଅଭିମୁଖେ ଆସୁଥିଲେ। ଓମଫେଡ ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତରେ ଡାକ୍ତରଖାନା ନେଇ ଚିକିତ୍ସା କରାଯାଇଛି।

# ସମ୍ବଲପୁରର ଦୁଇ ଝିଅଙ୍କୁ ଗ୍ଲୋବାଲ ଲିଡରସିପ୍ ପୁରସ୍କାର







## ମଡେଲିଂରେ ମୀମାଂସା ଓଡ଼ିଶୀରେ ପଲ୍ଲବୀ

**ସମ୍ବଲପୁର, ୨୦।୩(ସମିସ)**

ସମ୍ବଲପୁରର ଦୁଇ ପ୍ରତିଭା ମୀମାଂସା ରଥ ଏବଂ ପଲ୍ଲବୀ ଦାଶଙ୍କୁ ସମ୍ମାନଜନକ ଗ୍ଲୋବାଲ୍ ଲିଡରସିପ୍ ଆୱାର୍ଡ ୨୦୨୪ ପୁରସ୍କାର ମିଳିଛି। ଭୁବନେଶ୍ୱର ସଂସ୍କରଣରେ ୬୫୦ଜଣଙ୍କ ମଧ୍ୟରେ ଶ୍ରେଷ୍ଠ ୧୬ ଫାଇନାଲିଷ୍ଟରେ ରହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଗ୍ରେଟ୍ ଗ୍ରାଣ୍ଡ କୁଇନ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବ ସେମାନଙ୍କର ଅବଦାନକୁ ମାର୍ଗଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ସାହାଯ୍ୟ କରିଥିଲା। ମୀମାଂସା ମଡେଲିଂ କ୍ଷେତ୍ରରେ ଏହି ପୁରସ୍କାର ଜିତିଥିବାବେଳେ ତାଙ୍କର ଅତୁଳନୀୟ ଅବଦାନ ସହ ଆଗାମୀ ପୀଢ଼ି ପାଇଁ ନୂତନ ରାସ୍ତା ତିଆରି କରିବ ବୋଲି ସେ ଆଶାୟୀ ଅଛନ୍ତି। ପଲ୍ଲବୀଙ୍କ ବିଜୟ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କୁ ପ୍ରେରଣା ଯୋଗାଇଛି। ଓଡ଼ିଶାର କଳା, ନୃତ୍ୟର ବିକାଶ ପଥେ ସେ ଆଗେଇ ଯିବେ ବୋଲି ମତପ୍ରକାଶ କରିଛନ୍ତି। ସେମାନଙ୍କର ସଫଳତା ସମ୍ବଲପୁର ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସମସ୍ତେ କାମନା କରିଛନ୍ତି।

# ବାଇକକୁ ପିଟିଲା କାର୍, ଜଣେ ମୃତ

**ବୁର୍ଲା, ୨୦।୩(ସମିସ):** ବୁର୍ଲା ଥାନା ଅନ୍ତର୍ଗତ ବାବୁବନ୍ଧ ନିକଟ ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତକ ଜଣକ ହେଲେ ଗୋଶାଳାର ବିପିନ ବିହାରୀ ନାଥ। ସୂଚନା ଅନୁସାରେ ବିପିନ ବିହାରୀ ନାଥ ଓଡି ୧୫ ବି ୫୧୭୯ ନମ୍ବର ବିଶିଷ୍ଟ ଗ୍ଲେମର ବାଇକର ପଛପଟେ ବସି ଗୋଶାଳାରୁ ବାବୁବନ୍ଧ ପଟକୁ ଯାଉଥିବାବେଳେ ଓଡି ୧୪ ଏଇ୯୧୦୮ ନମ୍ବର ବିଶିଷ୍ଟ ଏକ



କାର ବାଇକ ପଛପଟେ ଧକ୍କା ଦେବା ଫଳରେ ବିପିନଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତ ବିପିନ ଗୋଶାଳା ଛକରେ ଏକ ଟିଭି ମରାମତି ଦୋକାନ କରିଥିବା ବେଳେ ତାଙ୍କର ମୃତ୍ୟୁ ଖବର ଶୁଣି ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ପୁଲିସ କାର୍‌କୁ ଜବତ କରିବା ସହ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରିଛି।

# ବିଦ୍ୟୁତ୍ ସେବା ପୁନରୁଦ୍ଧାର ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଚେଷ୍ଟା ଜାରି

**ବୁର୍ଲା, ୨୦।୩(ସମିସ):** ଗତ ସୋମବାର ବିଳମ୍ବିତ ରାତିଠାରୁ କାଳବୈଶାଖୀ ପ୍ରଭାବରେ ପଶ୍ଚିମ ଓଡ଼ିଶାର ୯ ଗୋଟି ଜିଲ୍ଲାରେ ପବନର ଗତି ବଢ଼ିବା ସହିତ ଅତିମାତ୍ରାରେ ବର୍ଷା ପରିଲକ୍ଷିତ ହୋଇଛି। ଏହାର ପରିଣାମସ୍ୱରୂପ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅନ୍ଲେ ବହୁତେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଦେଖାଦେଇଛି। ଟିପିଡବ୍ଲୁଡିଏଲର ରକ୍ଷଣାବେକ୍ଷଣ ଦଳ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ସ୍ଥାନଗୁଡିକରେ ଉପସ୍ଥିତ ରହି ସେବାକୁ ପୁନଃ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଛି। କିଛି ଅଞ୍ଚଳରେ ଗ୍ରୀଡ଼ ସବଷ୍ଟେସନକୁ ରକ୍ଷଣାବେକ୍ଷଣର ସୁରକ୍ଷା ନିମନ୍ତେ ବନ୍ଦ କରାଯାଇଛି। ଏଣୁ ଉକ୍ତ ଅଞ୍ଚଳମାନଙ୍କରେ ବିଦ୍ୟୁତ୍ ସେବାରେ ବ୍ୟାଘାତ ଘଟୁଛି। ପ୍ରାକୃତିକ ଦୁର୍ବିପାକ ସମୟରେ ଆମେ ସମ୍ପୂର୍ଣ୍ଣ ରୂପେ ବିଦ୍ୟୁତ୍ ସେବା ପୁନରୁଦ୍ଧାର କରିବାକୁ ପ୍ରସ୍ତୁତ ଏବଂ କାର୍ଯ୍ୟରତ ଥିବା ଟିପିଡବ୍ଲୁଡିଏଲ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ସମସ୍ତ ଗ୍ରାହକ ଏବଂ ଜନସାଧାରଣ ଧର୍ଯ୍ୟହରା ନ ହୋଇ ସହଯୋଗ କରିବା ପାଇଁ ବିନିତି ଅନୁରୋଧ କରାଯାଇଛି।

# ଭିମସାର ନିର୍ଦ୍ଦେଶକଙ୍କ ସହ ନାଗରିକ କମିଟିର ଆଲୋଚନା

**ବୁର୍ଲା, ୨୦।୩(ସମିସ):** ବୁର୍ଲା ନାଗରିକ କମିଟିର ଏକ ପ୍ରତିନିଧି ଦଳ ଭିମସାର ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠରେ ନିର୍ଦ୍ଦେଶକ ଓ ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଭିମସାର ମେଡିକାଲରେ ଲାଗିରହିଥିବା ବିଭିନ୍ନ ପ୍ରସଙ୍ଗ କିପରି ଭାବରେ ସମାଧାନ ହୋଇପାରିବ ସେ ଦିଗ ନେଇ ଆଲୋଚନା କରିଛନ୍ତି। ବୁର୍ଲା ନାଗରିକ କମିଟି ପକ୍ଷରୁ ପ୍ରଫୁଲ୍ଲ ନାଏକ, ଲକ୍ଷ୍ମୀଧର ମହାନ୍ତି,



ନିହାଲ ସିଂ ଙ୍କ ନେତୃତ୍ୱରେ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଭାବଗ୍ରାହୀ ରଥ ଓ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରଦିପ କୁମାର ମହାନ୍ତିଙ୍କୁ ପ୍ରଥମେ ସାକ୍ଷାତ କରାଯାଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜ୍ଞାପନ କରାଯାଇଥିଲା। ପରେ ଭିମସାର ନେଫ୍ରୋଲଜି ବିଭାଗରେ ମ୍ୟାନେଜର ଓ ସହ ମ୍ୟାନେଜର ପଦ ସୃଷ୍ଟି ପାଇଁ ଭିମସାର କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଜଣାଇବା ସହ ଏନେଇ ଯଥାଶୀଘ୍ର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏଥିସହ ନେଫ୍ରୋଲଜି ବିଭାଗକୁ ଯାଇ ଡାକ୍ତର ସୌରଭ ସୃଷ୍ଟିଙ୍କ ସହ ସାକ୍ଷାତ କରି ରୋଗୀସେବାକୁ ପ୍ରାଧାନ୍ୟ ଦେଉଥିବାରୁ ତାଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏହି ନାଗରିକ କମିଟି ସହ ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ନିଖଣ୍ଡିଆ, ନବ ରାଉତ, ଭାଗିରଥି ପଣ୍ଡା, ଅମିନ ମହାନନ୍ଦ, ସତ୍ୟନାରାୟଣ ମାହାର, ପ୍ରବିଣ ନାଗ, ଆନନ୍ଦ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ସାଧାରଣ ନିର୍ବାଚନ ପାଇଁ ଅଧିକାରୀଙ୍କୁ ତାଲିମ

# ତାଲିମ କେନ୍ଦ୍ର ପରିଦର୍ଶନ କରି ସମୀକ୍ଷା କଲେ ଜିଲ୍ଲାପାଳ

**ସମ୍ବଲପୁର, ୨୦।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପକ୍ଷରୁ ପୁଲିଂ ଅଧିକାରୀଙ୍କୁ ତାଲିମ ଦିଆଯାଉଛି। ଗତ ୧୫ ତାରିଖରୁ ବିଇଡି କଲେଜ ଓ ଜିଲ୍ଲା ସ୍କୁଲରେ ତାଲିମ କେନ୍ଦ୍ର ଖୋଲାଯାଇଛି।ଆଜି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ। ତାଲିମଦାତା ଓ ତାଲିମ ନେଉଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଛି। ସମ୍ବଲପୁର ଲୋକସଭା କ୍ଷେତ୍ରରେ ମେ ୨୫ ତାରିଖ ମତଦାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଚ୍ଛ ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ପ୍ରସ୍ତୁତି ଯୋରସୋର କରୁଛି। ଆଇନ ଶୃଙ୍ଖଳା ପାଇଁ ପୁଲିସ ସହ ବାରମ୍ବାର ବୈଠକ କରୁଥିବେ ବେଳେ ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗ ସହିତ ମଧ୍ୟ ମିଳିତ ବୈଠକ ହେଉଛି। ଗୋଟେ ପୁଲିଂ ବୁଥରେ ୬ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଅଧିକାରୀ, କର୍ମଚାରୀମାନଙ୍କୁ ବିଇଡି କଲେଜ ଓ ଜିଲ୍ଲା ସ୍କୁଲରେ ୫ଦିନିଆ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ ଶିବିରରେ ଜିଲ୍ଲାରେ ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀ ଯୋଗ ଦେଇଛନ୍ତି। ବିଇଡି କଲେଜରେ ୪୦୦ ଜଣ ତାଲିମ ନେଉଥିବା ବେଳେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ୪୫୦ଅଧିକାରୀ ତାଲିମ ଗ୍ରହଣ କରୁଛନ୍ତି। ଇଭିଏମ୍, ଭିଭିପ୍ୟାଟ୍ କିପରି ସଂଯୋଗ କରିବେ, କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ତାଲିମ ଦିଆଯାଉଛି। ଏଥି ସହିତ ମକ ପୁଲିଂ କେତେଟା ଓ କିପରି କରାଯିବ ତାହା ସମସ୍ତ ତାଲିମଦାତାଙ୍କୁ ତାଲିମ ଦିଆଯାଉଛି। ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ, ଏସଏମସି ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଡେପୁଟି କମିଶନର ଶୁଭଦୀପତା ମହାନ୍ତି, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକ, ଏଡିଇଓ ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା, ଡେପୁଟି କଲେକ୍ଟର ଅଭିଷେକ କିଷାନ, ଆସିଷ୍ଟାଣ୍ଟ କଲେକ୍ଟର ଜଲି ରାଣୀ ପ୍ରଧାନଙ୍କ ସମେତ ଏଏଲ୍‌ଏମ୍‌ଟି ପ୍ରଶିକ୍ଷଣ ଦେଉଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ଗୁଡିକୁ ନେଇ ବୈଠକ ହୋଇଥିଲା।



# କଂସାରେ ଦହି ପଖାଳକୁ ବଢ଼ିଚୁରା ମଜା

**ସମ୍ବଲପୁର, ୨୦।୩(ସମିସ):** ଆଜି ବିଶ୍ୱ ପଖାଳ ଦିବସ। ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇରହିଛି। ପ୍ରତି ଓଡ଼ିଆଙ୍କର ପସନ୍ଦର ଖାଦ୍ୟ ହେଉଛି ପଖାଳ। ଖରାଦିନ ଆସିଲେ ପଖାଳ ଖାଇବାକୁ ଲୋକେ ପସନ୍ଦ କରନ୍ତି। ଗରିବ ଠୁ ଧନୀ ଏଠି ସମସ୍ତଙ୍କ ପ୍ରିୟ ଖାଦ୍ୟ ପଖାଳ। ପଖାଳ ଖାଇଲେ ମନରେ ଶାନ୍ତି ମିଳେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରିୟ ପଖାଳ। ଶ୍ରୀମନ୍ଦିରର ଟଙ୍କ ତୋରାଣି ଏହାର ପ୍ରମାଣ। ପଖାଳର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏଥିପାଇଁ ଓଡିଆ ଜାତିର ଏକ ଅନନ୍ୟ ବିଶେଷତ୍ୱ ହେଉଛି ପଖାଳ। ଆଜି ସମ୍ବଲପୁରରେ ମଧ୍ୟ ବିଭିନ୍ନ ସ୍ଥାନରେ ପଖାଳ ଦିବସ ପାଳିତ ହୋଇଛି। ଶାସନ ନିକଟସ୍ଥ ତାଳବ ଗ୍ରାମରେ ସ୍ଥାନୀୟ ଯୁବକ ସଘ ପକ୍ଷରୁ ପଖାଳ ଦିବସ ପାଳନ ହୋଇଥିଲା। ବିରୋଧୀଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ତାଙ୍କ ଝିଅ ଶୁଭଶ୍ରୀ ଯୋଗ ଦେଇଥିଲେ। ଏହାସହ ସମୀର ବାବୁ, ସୁବାଶ ପଟେଲ, ମହେନ୍ଦ୍ର କୁମାର ଭୋଇଙ୍କ ଯୁବକ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। କ୍ଲବର ମହେନ୍ଦ୍ର କହିଛନ୍ତି, ପଖାଳ ଟିକେ ଖାଇଦେଲେ ମନକୁ ଶାନ୍ତି ଓ ତୃପ୍ତି ମିଳିଥାଏ। ଖରାଦିନ ହେଉ ଅବା ଅନ୍ୟଦିନ, ଗରିବ ହେଉ ବା ଧନୀ ସମସ୍ତଙ୍କ ପ୍ରିୟ। ଖରାଦିନର ତାତି ବେଳେ ଅଧିକ ଭଲ ଲାଗେ। ପଖାଳ ସହ ମାଛ, ଚିଙ୍ଗୁଡି ଆମିଷରେ ଥିବାବେଳେ ୧୨ରୁ ଅଧିକ ସାକାହାରୀ ବ୍ୟଞ୍ଜନ କରାଯାଇଥିଲା। ବହୁବର୍ଷ ହେବ ଏହି ଖେଳପଡ଼ିଆରେ ଆୟୋଜିତ ହୋଇଆସୁଛି। ପଖାଳ ଦିବସ ପାଳନ କରାଯିବା ସହ ଏକାଠି ହେବାର ବାହାନା ମିଳିଯାଏ ବୋଲି କହିଥିଲେ।



## ପାନ୍ଥ ନିବାସରେ ପଖାଳ ଦିବସ



**ସମ୍ବଲପୁର, ୨୦।୩(ସମିସ):** ସମ୍ବଲପୁର ପାନ୍ଥ ନିବାସରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ପାନ୍ଥ ନିବାସ ପକ୍ଷରୁ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପଖାଳ ସାଙ୍ଗକୁ ୧୧ପ୍ରକାର ବ୍ୟଞ୍ଜନ ପରସା ଯାଇଥିଲା। ସାକାହାରୀ, ଆମୀଷ ରହିଥିଲା। ୩୫ଜଣ ଗ୍ରାହକ ପଖାଳ ଖାଇ ଦିବସରେ ସାମିଲ ହୋଇଥିଲେ। ପାନ୍ଥନିବସ ମ୍ୟାନେଜର ବିପିନବିହାରୀ ସାମନ୍ତରାୟ ଏହି ଦିବସ ପାଳନବେଳେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଜେଲ୍ ଛକ ଧନୁପାଲି ରାସ୍ତା

# ୨ବର୍ଷ ହେଲା ଦେଇଆସୁଛି ଦୁଃଖ

**ସମ୍ବଲପୁର, ୨୦।୩(ସମିସ)**

ସମ୍ବଲପୁର ସହରରେ ରାସ୍ତା କାମର ଗୁଣବତ୍ତା ଉପରେ ଲୋକେ ବାରମ୍ବାର ପ୍ରଶ୍ନ କରିଆସୁଛନ୍ତି। ସବୁବେଳେ କାର୍ଯ୍ୟ ବିଳମ୍ବ ହେବାନେଇ ଚର୍ଚ୍ଚାର ମୁକୁଟ ସାଉଁଟିଥାଏ। ଏ ପରିପ୍ରେକ୍ଷୀରେ ସମାଧାନ ହେଉ ନଥିବାବେଳେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ କାମ ସରିପାରିନି। ଆହୁରି କେଉଁ କେଉଁ ଜମି ଅଧିଗ୍ରହଣ କରାଯିବ ତାହାରି ଦ୍ୱନ୍ଦରେ ପଡ଼ିଛି ଜିଲ୍ଲା ପ୍ରଶାସନ। ହରଡ଼ ଜୋରରେ ଦ୍ୱିତୀୟ ବ୍ରିଜର ଦୁଇପାର୍ଶ୍ୱର କାର୍ଯ୍ୟ ମଧ୍ୟ ସରିନାହିଁ। ଟିଭିଏସ୍ ସୋ-ରୁମ ଆଉ ଦ୍ୱିତୀୟ ପୋଲର ରାସ୍ତା ପିଚୁ ହୋଇ ନଥିବାରୁ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ଯାହାଦ୍ୱାରା ଲୋକେ ଧୂଳିରୁ ବଞ୍ଚିବା ପାଇଁ ଏପଟସେପଟ ବାଟ ଖୋଜୁଛନ୍ତି। ଧନୁପାଲିରୁ ଗୋବିନ୍ଦତୋଳା ରାସ୍ତାର ମଝିରେ ତିଆରି ହୋଇଛି ଡିଭାଇଡର। ଅଧିକା ବାଟ ଗଲା ପରେ ଡିଭାଇଡର ରହିଛି। ହେଉଛି। ଲୋକେ ଅନେକ ସମୟରେ ରାସ୍ତା ଜାମର ସମ୍ମୁଖୀନ ହେଉଛନ୍ତି। ରାସ୍ତାକଡ଼ରେ ଅଧପନ୍ତରିଆ ଭାବରେ ମାଟି, ପଥର ପଡ଼ିରହିଛି। ଯାହାଦ୍ୱାରା ଅଞ୍ଚଳବାସୀ ନାନାଦି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପଡ଼ିରହିଥିବା ପଥର, ମାଟି ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତବର୍ଷ ଦୁର୍ଗା ପୂଜା ସମୟରେ ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସମ୍ବଲପୁର ମହାନଗର ନିଗମ, ପୂର୍ତ୍ତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ରାଜସ୍ୱ ବିଭାଗ, ବିଦ୍ୟୁତ ବିଭାଗ, ସ୍ୱେରେଜ କର୍ତ୍ତୃପକ୍ଷର ସମନ୍ୱୟର ଅଭାବ ଯୋଗୁଁ ଏହି ଅଭାବନୀୟ ଅବସ୍ଥା ଭୋଗୁଛନ୍ତି ଜନସାଧାରଣ ବୋଲି ଅଞ୍ଚଳର ସୂର୍ଯ୍ୟ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିସହ ଶ୍ରୀ ପାଣିଗ୍ରାହୀ ଜନସାଧାରଣଙ୍କ ହିତକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ଜେଲ୍‌ଛକରୁ ଧନୁପାଲି ଛକର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି।





ଜେଲ୍‌ଛକରୁ ଧନୁପାଲି ଛକ ପର୍ଯ୍ୟନ୍ତ ରାସ୍ତା କାମ ଶେଷ ହେବା ନେଇ ଚର୍ଚ୍ଚାର ବିଷୟ ସାଜିଛି। ରାସ୍ତା ନିର୍ମାଣ କାର୍ଯ୍ୟ ଆଜକୁ ୨ବର୍ଷ ବିତିଗଲାଣି ହେଲେ ସମ୍ପୂର୍ଣ୍ଣ ହେବା ନା ଧରୁନି। ସେପଟେ ଜମି ଅଧିଗ୍ରହଣ ସମସ୍ୟାର ଜେଲ୍ ପରିସର ମଝିରେ ରାସ୍ତାପଟକୁ ବାହାରି ଯାଇଛି ପେଟ୍ରୋଲପମ୍ପ ଅଞ୍ଚଳ, ସେହି ସମସ୍ୟାର ସମାଧାନ ହେଇପାରି ନାହିଁ। ଯଦ୍ୱାରା ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ସଂକୁଚିତ ହୋଇଯାଇଛି। ଟିଭିଏସ୍ ସୋ-ରୁମ ସାମ୍ନାରେ ନିର୍ମାଣ ହେଇଥିବା ଯାହା ଫଳରେ ଲୋକେ ଡିଭାଇଡର କ୍ରସିଂ କରିବାକୁ ଅଧିକା ରାସ୍ତା ଅତିକ୍ରମ କରୁଥିବା ଅଭିଯୋଗ ହୋଇଛି। ପାଖରେ ଥିବା ପେଟ୍ରୋଲ ପମ୍ପରେ ତେଲ ଭର୍ତ୍ତି ପରେ ବାହାରୁଥିବା ବସ୍, ଟ୍ରକ୍ ରାସ୍ତା କ୍ରସିଂ କରିବା ବେଳେ ରାସ୍ତା ଜାମ

## ଗାୟତ୍ରୀ କଲେଜରେ ସଂକଳ୍ପ ୨୦୨୪

# ନାଟକ 'ଠକରୁ' ସମସ୍ତଙ୍କ ମନ ଛୁଇଁଲା

**ସମ୍ବଲପୁର, ୨୦।୩(ସମିସ):** ଗାୟତ୍ରୀ ଗ୍ରୁପ ଅଫ ଇଷ୍ଟିଚ୍ୟୁସେନର ବାର୍ଷିକ ଉତ୍ସବ 'ସଂକଳ୍ପ' ଆଜି ସନ୍ଧ୍ୟାରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭିସୁଟ ବୁର୍ଲାର କୁଳପତି ପ୍ରଫେସର ବଂଶୀଧର ମାଝୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବୁର୍ଲା ଭିମସାର ନିର୍ଦ୍ଦେଶକ ଡାକ୍ତର ଭାବଗ୍ରାହୀ ରଥ, ଓଏସବିପିର ମେମ୍ବର ସେକ୍ରେଟେରୀ ପ୍ରଫେସର ରାଜେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶିବ ନାରାୟଣ ଶତପଥୀ, ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ, ଫାର୍ମାସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଫାର୍ମାସି ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଗାୟତ୍ରୀ ଗ୍ରୁପ ଅଫ ଇଷ୍ଟିଚ୍ୟୁସେନର ଭୂମିକା ଉଲ୍ଲେଖନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରିଚାଳନା ସଭ୍ୟ ଡ. ଶମ୍ଭୁ ପ୍ରସାଦ ମିଶ୍ର, ପ୍ରଭାକର ସାହୁ, ଇନ୍ଦ୍ରାନୁଜ ପଣ୍ଡା, ସୀମା ଦାସ ପ୍ରମୁଖ ଯୋଗଦେଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ରାମାଶିଷ ତ୍ରିପାଠୀ ଓ ସୌମ୍ୟକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ଠକରୁ' ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଭାଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।



■ ମୃତ ଯୁବକଙ୍କୁ ନେଇ ପୁଲିସର ଅଡୁଆ

# ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ, ପୁଲିସର ବଢୁଛି ସନ୍ଦେହ

**ବରପାଲି, ୨୦।୩ (ସମିସ):** ବରପାଲି ବ୍ଲକ ଖେମେଶରା ଟିଙ୍ଗିପାଲି କେନାଲ ଗାଧୁଆ ଘାଟରୁ ମିଳିଥିବା ମୃତ ଯୁବକ ନାମ ହେଉଛି ଗସିର ଭୋଇସାଗର (୨୨)। ତାଙ୍କ ମୃତ୍ୟୁ ଘଟଣା ଏବେ ସନ୍ଦେହ ଘେରରେ ରହିଥିବା ବେଳେ ପୁଲିସ ମଧ୍ୟ ସନ୍ଦେହ ଘେରରେ ପଡିଯାଇଛି। ଗତ ରାତ୍ର ସମୟରେ ଟିଙ୍ଗିପାଲି କେନାଲ ଗାଧୁଆ ଘାଟ ପାହୁଚ ଉପର ପାଣି ମଧ୍ୟରେ ଭାସମାନ ଅବସ୍ଥାରେ ମୃତ ଯୁବକଙ୍କୁ ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ଡାକ୍ତରଖାନା ଆଣିଥିଲେ। ଡାକ୍ତର ଗସିରଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ପୁଲିସ ଘଟଣାକ୍ରମ ସମ୍ପର୍କରେ ପରିବାର ଲୋକଙ୍କ ନିକଟରୁ ବୁଝାବୁଝି କଲା ପରେ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ମୃତକଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସନ୍ଦେହରେ ବାବୁପାଲି ଗ୍ରାମର ଡେଭିଲ ଧରେଇକୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛନ୍ତି। ମୃତକଙ୍କ ଧର୍ମପତ୍ନୀ ଦମୟନ୍ତୀ ପୁଲିସକୁ ହତ୍ୟା କରାଯାଇଥିବା ଷଡ଼ଯନ୍ତ୍ରରେ ଅଭିଯୋଗ କରିଛନ୍ତି। ଫଳରେ ପୁଲିସ ଦ୍ୱିବିଧାରେ ପଡିଯାଇଛନ୍ତି। ଦମୟନ୍ତୀଙ୍କ ଅଭିଯୋଗକ୍ରମରେ ଗତ ସଂଧ୍ୟା ସମୟରେ ଗସିରର କେତେଜଣ ସାଙ୍ଗ ଘରୁ ଡାକି ସ୍ଥାନୀୟ ବୁଢାରାଜା କେନାଲକରେ ମଦ ଆସର ଜମାଇଥିଲେ। ପରମୁହୂର୍ତ୍ତ ଘଟିଥିବା ଘଟଣା ସମସ୍ତଙ୍କ ପାଇଁ ଅଜଣା ସାଜିଛି। ପୁଲିସ ଏକମାମଲା ରୁଜୁ କରିବା ସହ ପରିବାର ଲୋକଙ୍କ ସହାୟତାରେ ଶବ ବ୍ୟବଚ୍ଛେଦ ନିମନ୍ତେ ବରଗଡକୁ ପଠାଇ ଅନୁସନ୍ଧାନ ଜାରି ରଖିଛି।

ସାଧାରଣ ନିର୍ବାଚନ-୨୦୨୪

# ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ସଜାଗ ପ୍ରଶାସନ

**ବରଗଡ଼, ୨୦।୩ (ସମିସ):** ନିର୍ବାଚନ ତାରିଖ ଘୋଷଣାଠାରୁ ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲାରେ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରିବା ଲାଗି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ବିଭିନ୍ନ କାର୍ଯ୍ୟପନ୍ଥା ଆପଣେଇଛି। ଏହିକ୍ରମରେ ପ୍ରଶାସନିକ କଳ ଚଳଚଞ୍ଚଳ ରହିଥିବା ସହ ଆଚରଣ ବିଧି ଲାଗୁ କରିବା ପାଇଁ ତତ୍ପର ହୋଇ ପଡ଼ିଛି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ୭୨ ଘଣ୍ଟା ମଧ୍ୟରେ ଜିଲ୍ଲାରେ ସମସ୍ତ ସରକାରୀ ଦପ୍ତର, ବସଷ୍ଟାଣ୍ଡ, ମନ୍ଦିର, ରେଳ ଷ୍ଟେସନ ଭଳି ସର୍ବସାଧାରଣ ସ୍ଥାନରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳର ଚିହ୍ନ ଥିବା ହୋର୍ଡିଂ, ଚିତ୍ରକଳା, କାନ୍ଥଚିତ୍ର ଏବଂ ରାଜନେତାଙ୍କ ଫଟୋଚିତ୍ର ଆଦି ବାହାର କରି ଦିଆଯାଇଛି କିମ୍ବା ଘୋଡେଇ ଦିଆଯାଇଛି। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରାଞ୍ଚଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ









ତତ୍ତ୍ୱାବଧାନରେ ଟିମଗୁଡିକ ଗଠନ କରାଯିବା ସହ ଏହାର ସଦସ୍ୟମାନେ ବୁଲିବୁଲି ନିଜ ଅଂଚଳ ତଦାରଖ କରୁଛନ୍ତି।

ଜିଲ୍ଲା ସ୍ତରରେ ପ୍ରତ୍ୟକ ନିର୍ବାଚନମଣ୍ଡଳୀ ପାଇଁ ଫ୍ଲାଇଙ୍ଗ ସ୍କ୍ୱାଡ୍ (ଏଫଏସ), ଷ୍ଟାଟିକ୍ ସର୍ଭିଲାନ୍ସ ଟିମ (ଏସଏସଟି), ଭିଡିଓ ସର୍ଭିଲାନ୍ସ ଟିମ (ଭିଏସଟି) ଏବଂ ଭିଡିଓ ଭ୍ୟୁଙ୍ଗ ଟିମ (ଭିଭିଟି) ଗଠନ କରାଯାଇଛି। ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଗ୍ରହଣ ସହ ସେଗୁଡିକର ଯାଞ୍ଚ କରିବା, ଇଭିଏମ ପରିଚାଳନା, ନିର୍ବାଚନ ସାମଗ୍ରୀ କ୍ରୟ ଓ ତାହାର ସୁପରିଚାଳନା, ଭୋଟର ସହାୟତା କେନ୍ଦ୍ରରେ କାର୍ଯ୍ୟ କରିବା ନିମନ୍ତେ ସରକାରୀ କର୍ମଚାରୀଙ୍କୁ ନେଇ ବିଭିନ୍ନ ଦଳ ଗଠନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିଷରରେ ନିର୍ବାଚନ ସମୟରେ ରାଜନୈତିକ ବିଜ୍ଞାପନର ପ୍ରାକ ସାର୍ଟିଫିକେସନ ଏବଂ ଦୂରଦର୍ଶନ, ଖବରକାଗଜ ଓ ସମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ପେଡ ନ୍ୟୁଜଗୁଡିକର ତଦାରଖ ଏବଂ ନିୟମ ଉଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମିଡ଼ିଆ ସାର୍ଟିଫିକେସନ ଏବଂ ମନିଟରିଂ ସେଲ ଖୋଲାଯାଇଛି। ଜିଲ୍ଲାର ମତଦାତାଙ୍କୁ ୨୪ ଘଣ୍ଟା ସହାୟତା ଦେବା ଲାଗି ନିର୍ବାଚନ ନିୟନ୍ତ୍ରଣ କକ୍ଷ (ଇଲେକ୍ସନ କଣ୍ଟ୍ରୋଲ ରୁମ) ଖୋଲାଯାଇଛି। ମତଦାତାମାନେ ନିଜ ଅଭିଯୋଗ କିମ୍ବା ମତଦାନ ସମ୍ପର୍କିତ ସନ୍ଦେହ ଦୂର କରିବା ପାଇଁ ଜିଲ୍ଲା ଇଲେକ୍ସନ କଣ୍ଟ୍ରୋଲ ରୁମ ଯୋଗାଯୋଗ ନଂ ୦୬୬୪୬-୨୩୨୩୪୭, ୦୬୬୪୬ ୨୩୨୩୪୭ କିମ୍ବା ଭୋଟର ହେଲ୍ପ ଲାଇନ ଟୋଲ ଫ୍ରି ନଂ ୧୯୫୦କୁ ଯୋଗାଯୋଗ କରିପାରିବେ। ସେହିଭଳି ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନେତୃତ୍ୱରେ ସମଗ୍ର ଜିଲ୍ଲାରେ ପୁଲିସ ପାଟ୍ରୋଲିଙ୍ଗ କଡାକଡି କରିବା ସହ ଫ୍ଲାଗମାର୍ଚ୍ଚ କରାଯାଉଛି। ଜରୁରିକାଳୀନ ସହାୟତା ହେଲ୍ପ ଲାଇନ ନଂ ୧୧୨ ଜାରୀ କରାଯାଇଛି।

# ସରକାରୀ ବସଷ୍ଟାଣ୍ଡରେ ଡ୍ରେନେଜ୍ ଅକାମୀ

## ସେସ୍‌ପୁଲ କରୁଛି ଜଳ ନିଷ୍କାସନ

**ବରଗଡ଼, ୨୦।୩(ସମିସ):** ଗତ ଦୁଇ ଦିନ ଧରି ବରଗଡ଼ ତଥା ଆଖପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଝଡି ବର୍ଷା ହୋଇଥିଲା। ଯାହାକୁ ନେଇ ବରଗଡ଼ ସହରର ଖାଲୁଆ ଅଞ୍ଚଳରେ ପାଣି ଜମି ରହିଥିଲା। ତେବେ ବରଗଡ଼ ସରକାରୀ ବସଷ୍ଟାଣ୍ଡ ପରିସରରେ ଡ୍ରେନେଜ ସିଷ୍ଟମ ନ ଥିବା ଯୋଗୁଁ ଏଠାରେ ସାମାନ୍ୟ ବର୍ଷାରେ ମଧ୍ୟ ପାଣି ଜମି ରହିଥାଏ। ମଙ୍ଗଳବାର ସଂଧ୍ୟାରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ବସଷ୍ଟାଣ୍ଡ ପରିସର ଜଳମଗ୍ନ ହୋଇ ପଡ଼ିଥିବା ବେଳେ ବୁଧବାର ବସ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷ କରି ଓହ୍ଲାଇବା ସମୟରେ ବର୍ଷା ପାଣି ଯୋଗୁଁ ଯାତ୍ରୀମାନଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଥିଲା। ପରେ ପୌରପ୍ରଶାସନ ତରଫରୁ ସେସପୁଲ ଜରିଆରେ ପାଣି ଡ୍ରେନେଜ କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ବସଷ୍ଟାଣ୍ଡ ପରିସରରୁ ପାଣି ନିଷ୍କାସନ ସହ ଡ୍ରେନେଜ ବ୍ୟବସ୍ଥା ସୁଧାରିବାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ଲେଙ୍ଗୁମିଶ୍ର ଛକରୁ ଜୀରା ନଦୀ ରାସ୍ତା ପ୍ରଶସ୍ତୀକରଣ

# ଆଦର୍ଶ ଆଚରଣ ବିଧି ଯୋଗୁଁ ପୁଣି ବିଳମ୍ବ ହେବ ଉଚ୍ଛେଦ ପ୍ରକ୍ରିୟା

**ବରଗଡ଼, ୨୦।୩(ସମିସ):** ବରଗଡ଼ ଲେଙ୍ଗୁ ମିଶ୍ର ଛକଠାରୁ ଜୀରା ନଦୀ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତ ଜୁଲାଇରୁ ଚାଲିଥିବା କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଅଧୁରା ରହିଛି। ଜୀରା ନଦୀ ଉପରେ ବ୍ରିଜ ହେବା ପରେ ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଥିଲା। ବରଗଡ଼ ସହର ମୁଖ୍ୟରାସ୍ତା ଏକଦା ଜାତୀୟ ରାଜପଥ ଥିବା ସହ କୋଲକୋତାରୁ ମୁମ୍ବାଇକୁ ସଂଯୋଗ କରୁଥିଲା। ତେବେ ବରଗଡ଼ ସହରର ଜନସଂଖ୍ୟା ବୃଦ୍ଧି ସହ ବାଇପାସ ରାସ୍ତା ସହର ବାହାରେ ନିର୍ମାଣ କରାଯାଇଥିଲା। ଯାହାକୁ ନେଇ କିଛି ବ୍ୟକ୍ତିବିଶେଷ ତଥା ବ୍ୟବସାୟୀ ରାସ୍ତାକୁ ଅତିକ୍ରମଣ କରି ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଫଳରେ ରାସ୍ତାଟି ଅତି ସଙ୍କୁଚିତ ହୋଇ ପଡ଼ିବା ସହ ଟ୍ରାଫିକ ସମସ୍ୟା ନିତିଦିନିଆରେ ପରିଣତ ହୋଇଥିଲା। ଯାହାକୁ ନେଇ ବିଗତ ଦିନରେ ବିଭିନ୍ନ ସଂଗଠନ ତରଫରୁ ଜବରଦଖଲ ହଟାଇ ରାସ୍ତା ପ୍ରଶସ୍ତୀକରଣ ନେଇ ଦାବି ହୋଇ ଆସୁଥିଲା। ଏହାପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ଅଭିଯାନରେ କିଛି କୋଠା ଘର ଭଙ୍ଗାଯିବା ପରେ ହାଇକୋର୍ଟରୁ ରହିତାଦେଶ ଆସିବା ଯୋଗୁଁ ଏହି କାର୍ଯ୍ୟ ସ୍ଥଗିତ ରହିଥିଲା। ବହୁ ପର୍ଯ୍ୟାୟରେ ହାଇକୋର୍ଟରେ ଶୁଣାଣି ହେବା ପରେ କୋର୍ଟ ଚୂଡାନ୍ତ ରାୟରେ ପର୍ଯ୍ୟାପ୍ତ ସମୟ ଦେଇ ସମସ୍ତ କାଗଜପତ୍ର ପୁଣି ଥରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ପୁଣି ଥରେ ଗତ ଫେବୃୟାରୀ ୨୦







ତାରିଖରେ ପୌର ପରିଷଦ ପକ୍ଷରୁ ୫୮ ଜଣଙ୍କୁ ନୋଟିସ ଦିଆଯାଇଥିଲା। ଚଳିତ ମାସ ୧୯ ଓ ୨୦ ତାରିଖ ଦିନ ନୋଟିସ ପାଇଥିବା ବ୍ୟକ୍ତିମାନେ ନିଜର କାଗଜ ପତ୍ର ଦାଖଲ କରିଥିଲେ।

ଇତିମଧ୍ୟରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ସମସ୍ତ ଘଟଣାର ମୋଡକୁ ବହୁ ବିଳମ୍ବିତ କରିବ ବୋଲି ଜଣାପଡୁଛି। ନିର୍ବାଚନ ତାରିଖ ଘୋଷଣା ହୋଇଛି। ନିର୍ବାଚନ ଘୋଷଣା ହେବା ସହ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥାଏ। ଆଦର୍ଶ ଆଚରଣ ବିଧି ପାଇଁ ନିର୍ବାଚନ କମିଶନର ଦେଇଥିବା ଗାଇଡଲାଇନ ଅନୁସାରେ କୌଣସି ଉଚ୍ଛେଦ କାର୍ଯ୍ୟକୁ ସାମୟିକ ଭାବରେ ସ୍ଥଗିତ କରିବା ପାଇଁ ନିର୍ଦ୍ଦେଶ ରହିଛି। ଏହାଛଡା ରାଜ୍ୟ ସରକାର କିମ୍ବା କୌଣସି ସ୍ଥାନୀୟ ଏଜେନ୍ସି ଏହାକୁ ନିର୍ବାଚନ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବେ ନାହିଁ ବୋଲି କହିଛନ୍ତି। ତେବେ ଅଦାଲତର କୌଣସି ଆଦେଶ ଥିଲେ ଏହାକୁ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସେମାନଙ୍କ ପାଇଁ ଉଚିତ ଯୋଜନା ସହିତ କିପରି ସେମାନେ ଭୋଟ ଦେଇପାରିବେ ତାହା ଦାଖଲ କରିବା ପାଇଁ କହିଛନ୍ତି। ତେଣୁ ଏବେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇ ସାରିଥିବାରୁ ବର୍ତ୍ତମାନ ଶୁଣାଣି ହେଲେ ମଧ୍ୟ ଉଚ୍ଛେଦ କାଯ୍ୟକୁ ଆଗକୁ ନେବା ପାଇଁ ପୁଣି ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିବାକୁ ପଡ଼ିବ। ଏହି ପ୍ରକ୍ରିୟା ଯୋଗୁଁ ବର୍ତ୍ତମାନର ଉଚ୍ଛେଦ କାର୍ଯ୍ୟକ୍ରମ ଅନୁନ୍ୟ ଜୁନ ମାସ ପର୍ଯ୍ୟନ୍ତ ଆଗେଇବାର ସମ୍ଭାବନା କ୍ଷୀଣ ହୋଇଯାଇଛି। ତେଣୁ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଆହୁରି ବହୁ ବିଳମ୍ବିତ ହେବ ତାହା ସ୍ପଷ୍ଟ ହୋଇଯାଇଛି।

# ପାଇକମାଳ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ପାଇକମାଳ, ୨୦।୩ (ସମିସ):** ପାଇକମାଳ ପୁଲିସ ତରଫରୁ ଗାଁ ଗାଁରେ ପ୍ରତିଦିନ ଚାଲିଛି ଫ୍ଲାଗ୍‌ମାର୍ଚ୍ଚ। ଆସନ୍ତା ନିର୍ବାଚନକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ଓ ଅପରାଧମୁକ୍ତ ନିର୍ବାଚନ କରାଯିବା ପାଇଁ ତଥା ନିର୍ଭିକ ଭାବରେ ଭୋଟଦାନ ଦେବା ସକାଶେ ପୁଲିସ କରୁଛି ପ୍ରୟାସ। ଆଜକୁ ପାଞ୍ଚ ଦିନ ହେବ ପଦ୍ମପୁର ଏସଡିପିଓ ବିଭୂତି ଭୂଷଣ ଭୋଇଙ୍କ ତତ୍ତ୍ୱାବଧାନରେ ପାଇକମାଳ ଆଇଆଇସି ସୁଶାନ୍ତ ବଡ଼େଇଙ୍କ ସହ ପାଇକମାଳ ପୁଲିସ, ଆଇଆରବି, ଡିଭିଏଫ, ସିଆରପିଏଫ, ଆର୍ମ ପୁଲିସ ଫ୍ଲାଗ ମାର୍ଚ୍ଚ କରୁଛନ୍ତି। ସେମାନେ ଡଗ୍ ସ୍କ୍ୱାଡ୍ ସହ ପାଇକମାଳ, ଜର୍ଜଗଡ଼, ସାଲେପାଲି, ବାଦୀବାହାଲ, ଭୂଇଁଖାର, ବରଡୁଣ୍ଡା, ପୁରେନା, ଦୁଡ଼କିଝରିଆ, ଭେରୁଆମୁଣ୍ଡା, ମାଣ୍ଡୋସିଲ, ଜାମସେଠ ପ୍ରମୁଖ ଗ୍ରାମକୁ ଯାଇ ଫ୍ଲାଗମାର୍ଚ୍ଚ କରିଛନ୍ତି। ଏନେଇ ଆଇଆଇସି ସୁଶାନ୍ତ ବଡ଼େଇଙ୍କୁ ପଚାରିବାରୁ ସେ ଗାଁରେ ଲୋକେ କାହାକୁ ନ ଡରି ନିର୍ଭିକ ହୋଇ ଭୋଟ ଦେବେ ବୋଲି କହିଛନ୍ତି।



# ବିଶ୍ୱ ପଖାଳ ଦିବସ ପାଳିତ

**ବରଗଡ଼, ୨୦।୩(ସମିସ):** ଖଜୁରଟିକ୍ରାଠାରେ ଥିବା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ବିଶ୍ୱ ପଖାଳ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ଗୃପ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ଫକିର କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଶାଖା କେନ୍ଦ୍ରର ମୁଖ୍ୟ ବିକେ ଯଶୋଦା ଖେତି ପଖାଳରେ ଅନେକ ରୋଗ ପ୍ରତିରୋଧକ ଗୁଣ ଥିବାବେଳେ ଗତ କରୋନା ସମୟରେ ଚିକିତ୍ସା ବିଜ୍ଞାନରେ ଗବେଷଣା ହୋଇ ପ୍ରମାଣିତ ହୋଇସାରିଥିବା କହିଥିଲେ। ଏହାକୁ ଏକ ନିତିଦିନିଆ ଖାଦ୍ୟଭାବରେ ସାମିଲ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ ଅତିଥିମାନଙ୍କୁ ପଖାଳ ଭୋଗ ସହ ଅନ୍ୟ ବହୁ ସୁସ୍ୱାଦୁ ଖାଦ୍ୟ ପରଷା ଯାଇଥିଲା। ବିକେ ସୁଚିତ୍ରା, ବିକେ ସୀମା, ବିକେ କବିତା, ବିକେ ଅଦିତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପତିତପାବନ ସାହୁଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା। କଲେଜର ଅଧ୍ୟାପକ ଅଧ୍ୟାପିକାମାନେ ପଖାଳ ଦିବସ ପାଳନର ମହତ୍ୱ ଉପସ୍ଥାପନ କରିଥିଲେ। ସମସ୍ତଙ୍କୁ ପଖାଳ ସହ ଭଜା, ଶାଗ, ତରକାରୀ ଆଦି ବ୍ୟଞ୍ଜନ ପରଷା ଯାଇଥିଲା।

# ଚର୍ଦ୍ଦାପାଲି ମହିମାଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ



**ପଦ୍ମପୁର, ୨୦।୩ (ସମିସ):** ପଦ୍ମପୁର ଉପଖଣ୍ଡ ମହିମା ଆଶ୍ରମରେ ଚତୁର୍ଥ ବର୍ଷ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞର ଶୁଭାରମ୍ଭ ହୋଇଛି। ବ୍ରହ୍ମାବଧୁତ ରବିନ୍ଦ୍ର ବାବା ଅଖଣ୍ଡ ଦୀପ ଧ୍ୱନୀ ପ୍ରଜ୍ୱଳନ କରିଥିଲେ। ବୁକୁରାମୁଣ୍ଡା ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ଗିରିଜା ଶଙ୍କର ଦାସ, ଚର୍ଦ୍ଦାପାଲି ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ, ଜଗଦଲପୁର ମହିମା ଆଶ୍ରମର ଅଧିଷ୍ଠାତା ସାଧୁ ବଳରାମ ଦାସ ଯୋଗଦାନ କରି ବିଶ୍ୱର କଲ୍ୟାଣ ପାଇଁ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିଥିଲେ। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ମହିମା ଠାକୁରଙ୍କୁ ଜଗତମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ଚର୍ଦ୍ଦାପାଲି ସରପଞ୍ଚ ଉପାସୀ ନାଏକ, ବାଳକୃଷ୍ଣ ନାଏକ ଦମ୍ପତି କର୍ତ୍ତା ଭାବରେ ହୋମକାର୍ଯ୍ୟ ସଂପାଦନ କରିଥିଲେ। ହଠାତ ଅଦିନିଆ ମେଘ ଯୋଗୁଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ଭାବାବେଗକୁ ଦୁଃଖିତ କରିଥିଲା। ଏ ପରିପ୍ରେକ୍ଷୀରେ ଚର୍ଦ୍ଦାପାଲି ଗୌନ୍ତିଆ ଅଶୋକ ବେହେରା, ଲୁହୁରାକୋଟ ଗୌନ୍ତିଆ ଅରକ୍ଷିତ ପ୍ରଧାନ, ଗଡ଼ିଡିହି ଗୌନ୍ତିଆ ଶଙ୍କର ସାହୁଙ୍କୁ ବିଧାୟିକା ବର୍ଷା ସିଂ ବରିହା ସମ୍ବର୍ଦ୍ଧିତ କରିଥିଲେ।

ସଂଯୁକ୍ତ କୃଷକ ସଂଗଠନର ଧାରଣା ଜାରି

# ଜିଲ୍ଲା କୃଷି କାର୍ଯ୍ୟାଳୟରେ ୮ ଦିନହେଲା ପଡ଼ିଛି ତାଲା

**ବରଗଡ଼, ୨୦।୩(ସମିସ)**

ଫସଲ କ୍ଷୟକ୍ଷତି ପରେ କ୍ଷତିପୂରଣ ଦାବି ନେଇ ସଂଯୁକ୍ତ କୃଷକ ସଂଗଠନ ତରଫରୁ ବରଗଡ଼ ଜିଲ୍ଲା କୃଷି କାର୍ଯ୍ୟାଳୟ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଚାଲିଥିବା ତାଲା ବନ୍ଦ ଆନ୍ଦୋଳନ ଅଷ୍ଟମ ଦିବସରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କୃଷକ ମାନଙ୍କ ରକ୍ଷା କବଚ କୁହାଯାଉଥିବା ବେଳେ ଏହି ଯୋଜନା ଦ୍ୱାରା କୃଷକମାନେ ଉପକୃତ ହେବା ବଦଳରେ କମ୍ପାନୀର ଲାଭ ହେଉଥିବା ଦେଖିବାକୁ ମିଳୁଛି। ଅଦିନିଆଁ ବର୍ଷା ହୋଇ ବ୍ୟାପକ କ୍ଷତି ହୋଇଥିଲେ ସୁଦ୍ଧା କମ୍ପାନୀ ବିଭିନ୍ନ ଆଳ ଦେଖାଇ କ୍ଷତିପୂରଣ ନ ଦେବା ପାଇଁ ଚେଷ୍ଟା କରୁଥିବାରୁ କୃଷକ ମାନଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡୁଛି। ଏପରି ଅଭିଯୋଗ କରି ଆଠ ଦିନ ତାଲା ବନ୍ଦ ଆନ୍ଦୋଳନ ହୋଇଥିଲେ ମଧ୍ୟ କୌଣସି ସମାଧାନ ନ ହେବା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ପ୍ରସଙ୍ଗ ବୋଲି ଚାଷୀମାନେ କହିଛନ୍ତି। ବୁଧବାର ଭେଡେନ ବ୍ଲକ କୃଷକ ସଂଗଠନ ଆନ୍ଦୋଳନର ନେତୃତ୍ୱ ନେବା ସହ ଜିଲ୍ଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲା। ତେବେ ବିଗତ ଦିନରେ ମିଗଜୋମ ସମୟରେ ହୋଇଥିବା କ୍ଷୟକ୍ଷତିର ସହାୟତା ରାଶି ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଯୁକ୍ତ କୃଷକ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ଆଜିର ଆନ୍ଦୋଳନରେ ସଂଗଠନ କର୍ମୀ ସୁଦାମ ପାତ୍ର, ସୁବ୍ରତ ପଧାନ, ରୋହିତ ବର୍ଗତି, ଲୁଚନ ରଣା, ଶୁଭ୍ରାଂଶୁ ପଧାନ, ମୁକୁନ୍ଦ ବାଗ, ସୁଧାଂଶୁ ଦୀପ, ବିଜୟ ସାହୁ, ନନ୍ଦିଘୋଷ ମିଶ୍ର, ପ୍ରକାଶ ପଧାନ, ହିମାଂଶୁ ଭୋଇ, ମନବୋଧ ପଧାନ, ଉତ୍ପନ୍ନ ଭୋଇ, ପ୍ରଭାତ ସାହୁ, ରମେଶ ମହାପାତ୍ରଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ।



# ବିଶ୍ୱ ମୁଖ ଗହ୍ୱର ଦିବସ ପାଳିତ



**ବରଗଡ଼, ୨୦।୩(ସମିସ):** ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ମୁଖଗହ୍ୱର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ମୁଖଗହ୍ୱର ଦିବସକୁ ନେଇ ମାହେଶ୍ୱରୀ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ଛାତ୍ରୀ ଝରଣା ସାହୁ ପ୍ରଥମ, ସାଇନା ବାରିକ ଦ୍ୱିତୀୟ ଏବଂ ହୃଦୟ ତିର୍କି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏ ଅବସରରେ ସିଡିଏମଓ ଡାକ୍ତର ନିରୁପମା ଷଡଙ୍ଗୀ, ଡାକ୍ତର ପ୍ରଦୀପ ମଜୁମଦାର, ଡାକ୍ତର ସୁବାସ ଅଗ୍ରୱାଲ, ଡାକ୍ତର ସୁନୀଲ ବାଗ, ଡାକ୍ତର ଏମଏସ ଶର୍ମା ଏବଂ ପିସି ମହାପାତ୍ର ଓରାଲ ହାଇଜିନର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ। ମାହେଶ୍ୱରୀ ନର୍ସିଂ କଲେଜର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**ହୋଲି ପୂର୍ବରୁ ହୋଲି**

# ‘ଭଟଲି ଶ୍ୟାମବାବାଙ୍କ ଫଗୁନ୍ ମେଳା’

**ଭଟଲି, ୨୦।୩(ସମିସ)**

ରଙ୍ଗର ପର୍ବ ହୋଲିକୁ ଆଉ ପାଞ୍ଚ ଦିନ ରହିଥିବାବେଳେ ହୋଲି ପୂର୍ବରୁ ହୋଲି ଖେଳ। ବରଗଡ଼ ଜିଲ୍ଲା ଭଟଲି ଶ୍ୟାମ ବାବାଙ୍କ ମନ୍ଦିରରେ ଦେଖିବାକୁ ମିଳିଛି ଏହି ନିଆରା ହୋଲି ଖେଳ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଲି ଖେଳ ପୂର୍ବରୁ ପାଳନ ହେଉଥିବା ଏହି ନିଆରା ହୋଲି ଖେଳ ଫାଗୁନ୍ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରାଜସ୍ଥାନର ଖାଟୁ ପରେ ବରଗଡ଼ ଜିଲ୍ଲା ଭଟଲିଠାରେ ରହିଛି ଶ୍ୟାମବାବାଙ୍କ ଦ୍ୱିତୀୟ ମନ୍ଦିର। ତେବେ ରାଜସ୍ଥାନରେ ଶ୍ୟାମବାବାଙ୍କ ଯୌବନ ରୂପ ପୂଜା ପାଉଥିବାବେଳେ ଭଟଲିଠାରେ ବାଲ୍ୟ ରୂପରେ ପୂଜା ପାଇଥାନ୍ତି ବାବା ଶ୍ୟାମ। ଶ୍ୟାମ ବାବାଙ୍କ ଏହି ମନ୍ଦିରରେ ହୋଲି ପୂର୍ବରୁ ଫାଲଗୁନ ଶୁକ୍ଲପକ୍ଷ ଏକାଦଶୀରେ ପାଳିତ ହୋଇଥାଏ ଫାଗୁନ୍ ମେଳା। ଶ୍ୟାମ ବାବା ଏହି ଦିନ ମନ୍ଦିରରୁ ବାହାରି ସାତରଙ୍ଗୀ ରଥରେ ବସି ଭଟଲି ସହର ପରିକ୍ରମା କରୁଥିବା ବେଳେ ଭକ୍ତ ମାନେ ବାବାଙ୍କ ସହ ହୋଲି ଖେଳରେ ମଜ୍ଜି ଯାଇଥିବାର ଦେଖିବାକୁ ମିଳିଥିଲା। ଯେଉଁଥିରେ ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼, ମଧ୍ୟପ୍ରଦେଶ, ଝାରଖଣ୍ଡ, ବିହାର, କୋଲକତାରୁ ହଜାର ହଜାର ଭକ୍ତ ସାମିଲ ହୋଇ ଭଗବାନ ଶ୍ୟାମ ବାବାଙ୍କ ସହ ହୋଲି ଖେଳିଥିଲେ। ଏ ଅବସରରେ ସାରା ପରିବେଶ ରଙ୍ଗ ଓ ଅବିର ରେ ରଙ୍ଗମୟ ହୋଇ ଉଠିଥିବା ବେଳେ ଭକ୍ତ ମଧ୍ୟ ବିଭୋର ହୋଇ ଯାଇଥିଲା ରଙ୍ଗ ର ପର୍ବ ହୋଲି ପୂର୍ବରୁ। ଶ୍ୟାମ ବାବାଙ୍କ ମନ୍ଦିରରେ ପୁରୁଷ ମହିଳା ସମସ୍ତେ ମିଶି ଅବିର ହୋଲିର ରଙ୍ଗରେ ଆଉ ମଜ୍ଜି ଯାଇଥିବା ଦେଖିବାକୁ ମିଳିଥିବା ବେଳେ ସତେ ଯେମିତି ସମଗ୍ର ପରିବେଶ ବ୍ରଜ ବୃନ୍ଦାବନରେ ଚାଲିଥିବା ହୋଲି ଉତ୍ସବ ପରି ମନେ ହେଉଥିଲା। ତେବେ ଭଗବାନ ଶ୍ୟାମ ବାବାଙ୍କ ସହ ହୋଲି ଖେଳିବାକୁ ଶହ ଶହ ମହିଳା ପୁରୁଷ ସାମିଲ ହୋଇଥିଲେ।







**ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ**

ପୌରାଣିକ କିମ୍ବଦନ୍ତୀ ଅନୁସାରେ, ମହାଭାରତରେ ଭୀମଙ୍କର ପୁତ୍ର ବେଲାଲସେନ ପରାକ୍ରମୀ ଯୋଦ୍ଧା ରୂପରେ ପରିଗଣିତ ଥିଲା। ଯେତେବେଳେ ମହାଭାରତ ଯୁଦ୍ଧ ଆରମ୍ଭ ହେବାକୁ ଥିଲା ଭଗବାନ ଶ୍ରୀକୃଷ୍ଣ ଜାଣିପାରି ଥିଲେ ଯେ ବେଲାଲସେନ ମହାଭାରତ ଯୁଦ୍ଧକୁ ଅଠର ଦିନ ବଦଳରେ ଗୋଟିଏ ଦିନରେ ଶେଷ କରିଦେବ। ତେଣୁ ଭଗବାନ ଶ୍ରୀକୃଷ୍ଣ ଛଳନା କରି ବେଲାଲସେନଙ୍କୁ ନିଜ ଶୀର (ମୁଣ୍ଡ) ଦାନ କରିବା ପାଇଁ କହିଥିଲେ। ତେବେ ବେଲାଲସେନ ସର୍ତ୍ତ ରଖି ଥିଲେ ଯେ ନିଜ ଶୀର (ମୁଣ୍ଡ) ଦାନ କରିବା ସହ ସେ ମହାଭାରତ ଯୁଦ୍ଧ ସମ୍ପୂର୍ଣ୍ଣ ଦେଖିବା ପରେ ହିଁ ତାଙ୍କର ମୃତ୍ୟୁ ହେବ। ଭଗବାନ ଶ୍ରୀକୃଷ୍ଣ ବେଲାଲସେନର ସମର୍ପଣରେ ଖୁସି ହୋଇ ଆଶୀର୍ବାଦ କରିଥିଲେ ଯେ କଳିଯୁଗରେ ତାଙ୍କର ଅନ୍ୟ ନାମ ମଧ୍ୟରୁ ଶ୍ୟାମ ରୂପରେ ପୂଜା ପାଇବା ପାଇଁ। ସେହି ଦିନଠାରୁ ବେଲାଲସେନଙ୍କ ଶୀର ଅର୍ଥାତ୍ କଟା ମୁଣ୍ଡ ଶ୍ୟାମ ବାବା ରୂପରେ ପୂଜା ପାଇ ଆସୁଛନ୍ତି। ତେବେ ଭଟଲି ଶ୍ୟାମ ବାବାଙ୍କଠାରେ ଭକ୍ତଙ୍କ ଅଗାଧ ବିଶ୍ୱାସ ରହିଥିବାବେଳେ ଫାଗୁନ୍ ମେଳା ଅବସରରେ ମନ୍ଦିରରେ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଏହି ଅବସରରେ ପ୍ରତ୍ୟୁଷରୁ ବରଗଡ଼ରୁ ଭଟଲି ଅଭିମୁଖେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କୁ ନେଇ ଏକ ବିଶାଳ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ମାନେ ବରଗଡ଼ରୁ ବାବାଙ୍କ ଝଣ୍ଡା ଧରି ଚାଲି ଶ୍ୟାମ ବାବାଙ୍କ ପୀଠକୁ ପହଞ୍ଚି ବାବାଙ୍କ ଅଲୌକିକ ଶୃଙ୍ଗାର ଦର୍ଶନ ପ୍ରାପ୍ତି ହେବା ସହିତ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। ବିଭିନ୍ନ ପ୍ରକାରର ଉଜ୍ଜ୍ୱଳ ଆଲୋକରେ ମନ୍ଦିରକୁ ସଜ୍ଜିତ କରାଯାଇଥିଲା। ସେହିପରି ଭକ୍ତମାନଙ୍କ ପାଇଁ ଭଣ୍ଡାରର ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଥିଲା। ସେହିପରି ରାତ୍ରରେ ଭଜନ ସଂଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଭକ୍ତମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏଥିରେ ସାମିଲ ହୋଇଥିଲେ।

## ଫୋର୍‌ୱେ ରାସ୍ତାର ନାଳ ଖୋଳାବେଳେ ଘରଛାତ ଭୁଶୁଡ଼ିଲା

**ବରପାଲି, ୨୦।୩ (ସମିସ):** ବରପାଲି ୨୬ ନମ୍ବର ଜାତୀୟରାଜପଥର ଫୋରୱେ ରାସ୍ତାର ଡ୍ରେନ୍ କାମ ଚାଲିଛି। ଏହି ସମୟରେ ସ୍ଥାନୀୟ ମେହେର କବି ପଡା ଛକ ନିକଟରେ ଏକ ଘରର କାନ୍ଥ ସହ ଆଜବେଷ୍ଟସ ଛାତ ଭୁଶୁଡ଼ି ନିର୍ମାଣାଧୀନ ଡ୍ରେନ ଉପରେ ପଡିଯାଇଥିଲା। କେହି ହତାହତ ହୋଇ ନଥିଲେ ସୁଦ୍ଧା ଆଖପାଖ ଅଞ୍ଚଳରେ ଏକ ଭୟର ପରିବେଶ ସୃଷ୍ଟି ହୋଇଥିଲା। ଭୟରେ ପଡୋଶୀମାନେ ନିଜ ଘର ଛାଡି ପଡୋଶୀଙ୍କ ଘରେ ଆଶ୍ରୟ ନେଉଥିବା ଜଣାପଡିଥିଲା। ମୂଳଦୁଆ ମାଟି ଉଠିଯିବାରୁ ଘରକାନ୍ଥ ଦବିଯିବାରୁ ଦୁର୍ଘଟଣାର ସୂତ୍ରପାତ ହୋଇଥିବା ସ୍ଥାନୀୟ ଲୋକେ କହିଥିଲେ। ଯାହାବି ହେଉ ଏକ ବଡ ଦୁର୍ଘଟଣା ଟଳି ଯାଇ ଧନଜୀବନ ସୁରକ୍ଷିତ ରହିଯାଇଛି। ଲୋକେ ତୁରନ୍ତ ଘରର ମୂଳଦୂଆ ମରାମତି ନ କଲେ କାର୍ଯ୍ୟ ବନ୍ଦ କରିବାକୁ ଧମକ ଦେଇ ପ୍ରତିବାଦ ଜଣାଇଥିଲେ। ଫୋରୱେ ରାସ୍ତା ନିର୍ମାଣ କାର୍ଯ୍ୟରେ କାର୍ଯ୍ୟକର୍ତ୍ତାମାନେ ଜାଣିଶୁଣି ପାତର ଅନ୍ତର ଭିତ୍ତିକ କାର୍ଯ୍ୟଶୈଳୀ ଆପଣାଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ଘରଗୁଡିକୁ ଛାଡି ଦେଇ କେବଳ ନିରୀହ ଜନସାଧାରଣଙ୍କ ଘର ମାନ ଭାଙ୍ଗୁଥିବା ସାଧାରଣରେ ଆଲୋଚନା ସହ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏନେଇ ଉଚ୍ଚସ୍ତରୀୟ ତଦାରଖର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି।



## ଫାର୍ମାସିଷ୍ଟଙ୍କୁ ନିର୍ବାଚନ ଡ୍ୟୁଟି, ଆଶଙ୍କାରେ ରୋଗୀସେବା

**ବରଗଡ଼, ୨୦।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଫାର୍ମାସିଷ୍ଟମାନଙ୍କୁ ନିର୍ବାଚନ ଡ୍ୟୁଟି ଦିଆଯିବାକୁ ନେଇ ସଚେତନ ମହଲରେ ଉଦବେଗ ପ୍ରକାଶ ପାଇଛି। ବରଗଡ଼ ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟରତ ୪ ଜଣ ଫାର୍ମାସିଷ୍ଟଙ୍କ ମଧ୍ୟରୁ ଜଣଙ୍କୁ ନିର୍ବାଚନ ଡ୍ୟୁଟିରେ ସାମିଲ କରାଯାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୭ ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ ଡ୍ୟୁଟି ପକାଯାଇଛି। ସେହିଭଳି ଏନଏମଆରମାନଙ୍କୁ ମଧ୍ୟ ସାମିଲ କରାଯାଇଥିବାରୁ ଏମାନଙ୍କୁ ବାଦ୍ ଦିଆଯାଉ ବୋଲି ଦାବି ହୋଇଛି। ଫାର୍ମାସିଷ୍ଟମାନେ ଗୋଟିଏ ଦିନ ପାଇଁ ତାଲିମରେ ଗଲେ ଚିକିତ୍ସା ଧାରା ଏକ ପ୍ରକାର ଠପ୍ ପଡ଼ିଯାଉଥିବାରୁ ନିର୍ବାଚନ କାମରେ ଗଲେ ରୋଗୀଙ୍କ ଅବସ୍ଥା କ'ଣ ହେବ ବୋଲି ପ୍ରଶ୍ନ କରି ଏହି ଜରୁରିକାଳୀନ ବିଭାଗର କର୍ମଚାରୀଙ୍କୁ ନିର୍ବାଚନ ଦାୟିତ୍ୱରୁ ଅପସାରଣ କରାଯାଉ ବୋଲି ଦାବି ହେଉଛି।

## ସମ୍ବଲପୁରୀ ବସ୍ତ୍ରାଳୟ ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ

**ବରଗଡ଼, ୨୦।୩(ସମିସ):** ସମବାୟ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିଷ୍ଠାତା ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୪ତମ ଜୟନ୍ତୀ ବରଗଡ଼ରେ ପାଳିତ ହୋଇଯାଇଛି। ତାଙ୍କ ନାତି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ ମଧ୍ୟ କରିଥିଲେ। ଏହି ଅବସରରେ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।



## ଯୋଗଦେଲେ ନୂଆ ଜିଲ୍ଲା ଶିକ୍ଷାଧିକାରୀ

**ବରଗଡ଼, ୨୦।୩ (ସମିସ):** ବରଗଡ ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଅବସର ଗ୍ରହଣ କଲା ପରେ ଏହି ପଦ ଖାଲି ରହିଥିଲା। ଏଠାରେ ନିଯୁକ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଭାବେ ପଦୋନ୍ନତି ମିଳିଛି। ଇତିମଧ୍ୟରେ ଶ୍ରୀ ଛତ୍ରୀ ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଭାବେ ଯୋଗ ଦେଇଛନ୍ତି। ତାଙ୍କ ଯୋଗଦାନ ପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସମେତ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ ଅଧିକାରୀବୃନ୍ଦ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



## ‘କୌସ୍ତୁଭ ବୁଧିଆ ଥିଲେ ଉତ୍ସର୍ଗୀକୃତ ସାମାଜିକ କର୍ମୀ’

**ବରପାଲି, ୨୦।୩(ସମିସ):** ବରପାଲି ବ୍ଲକ ଲେଣ୍ଡାର ସ୍ୱର୍ଗତ କୌସ୍ତୁଭ ବୁଧିଆ ଏକାଧାରରେ ଥିଲେ ଜଣେ ଶିକ୍ଷାବିତ୍, ସଂଗଠକ, କ୍ରୀଡାବିତ୍, ସାମାଜିକ କର୍ମୀ। ସମାଜର ଗରିବ, ପଛୁଆବର୍ଗର ଲୋକଙ୍କ ବିକାଶ ପାଇଁ ସେ ସଂଗ୍ରାମ କରୁଥିଲେ। ପ୍ରକୃତରେ ସେ ଜଣେ ଉତ୍ସର୍ଗୀକୃତ ସାମାଜିକ କର୍ମୀ ଥିଲେ ବୋଲି ସ୍ୱର୍ଗତ ବୁଧିଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଲେଣ୍ଡା ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ କୌସ୍ତୁଭ ବୁଧିଆଙ୍କ ଉଦ୍ଦେଶ୍ୟରେ ‘ସ୍ୱୟଂସିଦ୍ଧା’ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଡ. ସୁବାସ ପାତ୍ର ସଭାପତିତ୍ୱ କରିଥିଲେ। ପ୍ରଥମେ ସ୍ୱର୍ଗତ ବୁଧିଆଙ୍କ ଫଟୋଚିତ୍ରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ୨ ମିନିଟ୍ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ସାମୂହିକ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସ୍ୱୟଂସିଦ୍ଧା ଫାଉଣ୍ଡେସନ୍‌ର ମ୍ୟାନେଜିଂ ଟ୍ରଷ୍ଟି ଡ. ସୁଶୀଳ କୁମାର ବାଗ। ଗଙ୍ଗାଶ୍ରାଦ୍ଧ ଅବସରରେ ପ୍ରକାଶିତ ସ୍ମରଣିକା ‘କର୍ମନିଷ୍ଠ କୌସ୍ତୁଭ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିଥିଙ୍କ ମଧ୍ୟରେ କୃଷକ ନେତା ଗୌରଚନ୍ଦ୍ର ଖମାରୀ, ସାମାଜିକ କର୍ମୀ ଜେଠୁ ଭୋଇ, ବିଜେପିର ବରଗଡ଼ ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଡା. ସୁବଳଚନ୍ଦ୍ର ମାଝୀ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ମହେନ୍ଦ୍ର ମେହେର, ପୂର୍ବତନ ସରପଞ୍ଚ ନୀଳମଣି ସାହୁ, ଅଶ୍ୱିନୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗନ୍ଧର୍ବ ମେହେର, ବଳରାମ ପ୍ରଧାନ, ଅଜିତ ସାହୁ, ରୋହିତ ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସବିତା ସାହୁ, କମଳା ପ୍ରଧାନ, ଖାଡିଆ ବରଗ୍ଡି ପ୍ରମୁଖ ସ୍ୱର୍ଗତ ବୁଧିଆଙ୍କ ଜୀବନ, ବ୍ୟକ୍ତିତ୍ୱ ଓ ସମାଜ ପ୍ରତି ଅବଦାନ ସଂପର୍କରେ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ସ୍ୱର୍ଗତ ବୁଧିଆଙ୍କ ବହୁ ସହପାଠୀ, ବନ୍ଧୁ, ଆତ୍ମୀୟ ସ୍ୱଜନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



**‘କର୍ମନିଷ୍ଠ କୌସ୍ତୁଭ’ ଉନ୍ମୋଚିତ**



ପଖାଳ ଦିବସ ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପଖାଳ ଖାଉଛନ୍ତି

## ରେଙ୍ଗାଲବାହାଲରେ ମହାବିଷ୍ଣୁ ଅଷ୍ଟପ୍ରହରୀ ମହାଯଜ୍ଞ

**ରିଆମାଳ, ୨୦।୩(ସମିସ):** ରିଆମାଳ ବ୍ଲକ ମଳେହିପଡା ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲବାହାଲ ଗ୍ରାମରେ ମହାବିଷ୍ଣୁ ଅଷ୍ଟପ୍ରହରୀ ମହାଯଜ୍ଞ ମହାଆଡମ୍ବରରେରେ ଅନୁଷ୍ଠିତ ହେଉଛି। ସଭାପତି ପ୍ରଭାକର ପ୍ରଧାନ, ସମ୍ପାଦକ ଆର୍ତ୍ତତ୍ରାଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୁଧବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱପ୍ନଘାଟି ମନ୍ଦିର ପୋଖରୀରେ ପୂଜକ ଧୂବେଇଧର ନନ୍ଦ ସୂର୍ଯ୍ୟ ପୂଜା ସହ ବରୁଣ ଦେବତାଙ୍କୁ ଆବାହନ ପରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ପୂର୍ଣ୍ଣ କୁମ୍ଭ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ ମଣ୍ଡପକୁ କଳସ ଯାତ୍ରା ଆରମ୍ଭ ହୋଇଥିଲା। କଳସ ଯାତ୍ରା ସମୟରେ ରେଙ୍ଗାଲବାହାଲ ସଂକୀର୍ତ୍ତନମଣ୍ଡଳୀ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ଡିଜେ ସାଉଣ୍ଡ ଓ ବାଜା ଦ୍ୱାରା ଅଧିକ ଆକର୍ଷଣୀୟ ହୋଇଥିଲା। କର୍ତ୍ତା ଭାବେ ଶ୍ରବଣ ପ୍ରଧାନ ଓ ଧର୍ମପତ୍ନୀ ନମିତା ପ୍ରଧାନ ପୂଜା କାର୍ଯ୍ୟରେ ବସି ବିଶ୍ୱଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ଅଞ୍ଚଳରେ ଏହି ମହାଯଜ୍ଞ ଯୋଗୁଁ ଅଞ୍ଚଳସାରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଉପସଭାପତି କୁମୁଦବନ୍ଧୁ ପ୍ରଧାନ, ସହସମ୍ପାଦକ ବାବୁଲି ପ୍ରଧାନ, କୋଷାଧ୍ୟକ୍ଷ ଅରୁଣ ପ୍ରଧାନ, ବୈଦ୍ୟ ପ୍ରଧାନ, ଇନ୍ଦ୍ରମଣି ପ୍ରଧାନ ସମେତ ଉପଦେଷ୍ଟାମଣ୍ଡଳୀ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଆସନ୍ତାକାଲିଠାରୁ ହୋମଯଜ୍ଞ ଆରମ୍ଭ ହେବ। ବହୁ ସାଧୁସନ୍ଥ ଯୋଗ ଦେବା ସହ ୩୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନମଣ୍ଡଳୀ ଏହି ଆଧ୍ୟାତ୍ମିକ ସମାରୋହରେ ସାମିଲ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।

**କଳସ ଶୋଭାଯାତ୍ରା ସମ୍ପନ୍ନ**

## ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ

**ଦେବଗଡ଼, ୨୦।୩(ସମିସ):** ରିଆମାଳ ବ୍ଲକ ଅନ୍ତର୍ଗତ ରେଙ୍ଗତା ଗ୍ରାମରେ ଫାଲ୍ଗୁନ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀଶ୍ରୀ ନୀଳ କଣ୍ଠେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗତକାଲି ଗ୍ରାମରେ କଳସ ଯାତ୍ରା କରାଯାଇ କଳସ ସ୍ଥାପନ ପରେ ଇନ୍ଦ୍ରଇନ୍ଦ୍ରାଣୀ ପୂଜା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରେଙ୍ଗତା ସମେତ ଆଖପାଖ ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁ ମନ୍ଦିର ଚୂଡ଼ରେ ଧାନ, ଧାତୁ ସହ ଅର୍ଥ ପ୍ରଦାନ କରି ରତ୍ନମୁଦ ସ୍ଥାପନ କରିଥିଲେ। ଯଜ୍ଞରେ ଓମପ୍ରକାଶ ପ୍ରଧାନ ଓ ମନ୍ଦାକିନୀ ପ୍ରଧାନ କର୍ତ୍ତା ଥିବା ବେଳେ ପଣ୍ଡିତ ପଦ୍ମଲୋଚନ ଶତପଥୀ ଓ ଗୋବର୍ଦ୍ଧନ ଶତପଥୀ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ଟ୍ରଷ୍ଟର ସଦସ୍ୟ ଲମ୍ବୋଦର ନାଏକ, ବିଶ୍ୱନାଥ ନାଏକ, ବିରଞ୍ଚି ସୁନେଲ, ଡିଲେଶ୍ୱର ସୁନେଲ, ଦିବାକର ନାଏକ, ଲଳିତ ନାଏକ, ରଞ୍ଜନ ନାଏକ, ପଦ୍ମନାଭ ନାଏକ, କାର୍ତ୍ତିକ ସୁନା ସହଯୋଗ କରିଥିଲେ।



## ସମାଜସେବୀ ଭରତ ସାହୁଙ୍କ ପରଲୋକ

**ବରଗଡ଼, ୨୦।୩(ସମିସ):** ବରଗଡ଼ ସଦର ବ୍ଲକ ଏସ.ଡୁମେରପାଲି ଗ୍ରାମର ବିଶିଷ୍ଟ ସମାଜସେବୀ ଭରତ ସାହୁ(ଦ୍ୱାରୁ)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ସାହୁ ଜଣେ ମେଳାପୀ ବ୍ୟକ୍ତି ଥିବା ବେଳେ ସେ ଅଞ୍ଚଳର ବିକାଶ କାର୍ଯ୍ୟ ଓ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ସର୍ବଦା ତତ୍ପର ଥିଲେ। ସେ ତାଙ୍କ ପଛରେ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅ ଛାଡ଼ିଯାଇଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ଖେଳିଯାଇଛି। ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଲେ।



## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ରଚିତ ନାଟକ ‘ଅଲାର’ର ଶୁଭ ମହୁରତ

**ବରଗଡ଼, ୨୦।୩(ସମିସ):** ବରଗଡ଼ ଭିଏସଏସ ନଗରଠାରେ ମାଁ ସମଲେଶ୍ୱରୀ ନୂପୁର କଳା ପରିଷଦ ଆନୁକୂଲ୍ୟରେ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ରଚିତ ନାଟକ ଅଲାର ର ଶୁଭ ମହୁରତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ର ସ୍ୱନାମଧନ୍ୟ କଳାକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ କାଳୀଚରଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭାପତି ଶ୍ରୀକାନ୍ତ ମିଶ୍ର, ଉପସଭାପତି ରବୀନ୍ଦ୍ର ବାଗଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଶ୍ରୀ ବାଗଙ୍କୁ ବରଗଡ଼ର ଗର୍ବ ଓ ଗୌରବ ବୋଲି ଉଲ୍ଲେଖ କରିଥିଲେ। ଏହି ନାଟକକୁ ନୃତ୍ୟ ନିର୍ଦ୍ଦେଶକ ରବୀନ୍ଦ୍ର ବାଗ ଓ ସଙ୍ଗୀତ ନିର୍ଦ୍ଦେଶକ କାଳୀଚରଣ ବାଗଙ୍କ ନିର୍ଦ୍ଦେଶନା ଦେବେ ବୋଲି ସୂଚନା ପ୍ରଦାନ କରାଯାଇଛି।



# ଫାର୍ମ ପଣ୍ଡ ଦୁର୍ନୀତି; ଅଭିଯୋଗ ପରେ ଭିଜିଲାନ୍ସ ତଦନ୍ତ ଆରମ୍ଭ

**ବରଗଡ଼, ୨୦।୩(ସମିସ)**

ଗାଇସିଲେଟ ବ୍ଲକରେ ଫାର୍ମ ପଣ୍ଡ ଜରିଆରେ ପୋଖରୀ ଖନନରେ ଦୁର୍ନୀତିର ଗନ୍ଧ ବାରି ହେଉଥିବା ବେଳେ ଅଭିଯୋଗ ହେବା ପରେ ଏନେଇ ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଛି। ଗାଇସିଲେଟ ବ୍ଲକର ବହୁ ସ୍ଥାନରେ ପୋଖରୀ ଖନନ କରା ନ ଯାଇ ବିଲ୍ ହୋଇଥିଲା। ଆଉ କେତେକ ସ୍ଥଳରେ ପିସି ନ ଦେଲେ ହିତାଧିକାରୀଙ୍କ ବିଲ୍ ପାସ ହେଉ ନ ଥିବା ଅଭିଯୋଗ ହୋଇଥିଲଶ। ଏହାକୁ ନେଇ ଭିଜିଲାନ୍ସ ବିଭାଗ ତରଫରୁ ଖୋଳତାଡ ଆରମ୍ଭ ହୋଇଥିବା ସୂଚନା ମିଳିବା ପରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି।

ଭାତହାଣ୍ଡିରୁ ଗୋଟିଏ ଭାତ ଚିପୁଡିଲା ପରି ଗାଇସିଲେଟ ବ୍ଲକର ଦୁର୍ନୀତି ପଦାକୁ ଆସୁଛି। ବିଗତ ଦିନରେ ଗାଇସିଲେଟ ବ୍ଲକର ବିଭିନ୍ନ ଗାଁରେ କ୍ଷେତ ପୋଖରୀ ଖନନ କରି ବିଲ୍ ପାଇ ନ ଥିବା ବହୁ ହିତାଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଲପାଲି, ରାଇସଲପଦର, ଜଗଲପାଟ, କଠାଉମାଲ ସମେତ ବିଭିନ୍ନ ପଞ୍ଚାୟତରେ ଫାର୍ମ ପଣ୍ଡ ଯୋଜନାରେ ବହୁ ଚାଷୀ ପୋଖରୀ ଖନନ କରିଥିଲେ। ମାତ୍ର ଜଳଛାୟା ମିଶନର ପିଆଇଏଙ୍କୁ ପିସି ନ ଦେବାରୁ ସେମାନଙ୍କ ବିଲ ପାସ ହେଉ ନ ଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବା ପରେ ଏହିଘଟଣା ପ୍ରଘଟ ହୋଇଥିଲା। ତେବେ କ୍ଷେତ ପୋଖରୀ ପାଇଁ ୩ ଲକ୍ଷ ୧୧ ହଜାର ଟଙ୍କା ମଞ୍ଜୁରୀ ହୋଇ କାର୍ଯ୍ୟାଦେଶ ମିଳୁଥିବା ବେଳେ ଏଥିରେ ପ୍ରାୟ ୨୫ ପ୍ରତିଶତ ପିସି ଦେବାକୁ ବାଧ କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ପିଆଇଏଙ୍କ ବିଭିନ୍ନ ଗ୍ରାମରେ ଦଲାଲମାନେ ଥିବା ଏବଂ ସେମାନଙ୍କ ଅନୁସାରେ ହିତାଧିକାରୀଙ୍କ ବିଲ୍ ପାସ୍ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ତେବେ ଦୀର୍ଘ ଦିନରୁ ବହୁ ହିତାଧିକାରୀଙ୍କ ପୋଖରୀ ଖନନ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଥିବା ବେଳେ ଅବଶିଷ୍ଟ ଟଙ୍କା ଆଜିଯାଏଁ ମିଳିନି। ଏପରି ଅଭିଯୋଗ ଗାଇସିଲେଟ ବ୍ଲକର ଜଗଲପାଟ, ତାଲପାଲି, କଠାଉମାଲ, ରାଇସଲପଦର ପରି ବିଭିନ୍ନ ପଞ୍ଚାୟତର ବହୁ ହିତାଧିକାରୀ ଅଭିଯୋଗ କରୁଥିବା ବେଳେ ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ପିଆଇଏଙ୍କ ଖୁଲମଖୁଲା ପିସି ଦାବୀକୁ ପ୍ରକଳ୍ପ ମୁଖ୍ୟଙ୍କ ଦାୟିତ୍ୱହୀନ ସଫେଇରୁ ଦୁର୍ନୀତିର ଗନ୍ଧ ଆସୁଥିବା ବେଳେ ଅଭିଯୋଗ ପାଇ ଭିଜିଲାନ୍ସ ବିଭାଗ ତରଫରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଗାଇସିଲେଟ ବ୍ଲକର ଗୋଟିଏ ଗୋଟିଏ ପଞ୍ଚାୟତରେ ୨ ଶହରୁ ଅଧିକ ପୋଖରୀ ଖନନ ହୋଇଥିବା ସୂଚନା ମିଳିଥିବାବେଳେ ଏହି ଯୋଜନାର କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ସ୍ପଷ୍ଟ ହୋଇଯାଇଛି। ଅପରପକ୍ଷେ ଭିଜିଲାନ୍ସ ବିଭାଗର ଖୋଳତାଡ ପରେ ଧିରେ ଧିରେ ସମସ୍ତ ଘଟଣାର ପର୍ଦ୍ଦାଫାସ ହେବା ସହ ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବାସ୍ତବ ଚିତ୍ର ସାମନାକୁ ଆସିବ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ବରଗଡ଼ ଜିଲ୍ଲାର କେବଳ ଗାଇସିଲେଟ ବ୍ଲକରେ ନୁହଁ; ଫାର୍ମ ପଣ୍ଡ ଖୋଳାରେ ଦୁର୍ନୀତିର ଚେର ସମଗ୍ର ଜିଲ୍ଲାକୁ ଲମ୍ବିଛି। ଏହା ମଧ୍ୟ ତଦନ୍ତସାପେକ୍ଷ।

## ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ବଢୁଛି

# ପ୍ରଶାସନ ଅଜାଣତରେ ହେଉଛି ଶବ ସତ୍କାର, ମିଳୁନି ସହାୟତା

**ସମ୍ବଲପୁର,୨୦।୩(ସମିସ)**

ସାପ କାମୁଡ଼ାରେ ଜିଲ୍ଲାରେ କିଛିବର୍ଷ ହେବ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଚେତନ ତଥା ସତର୍କତା ଅବଲମ୍ବନ କଲେ ସାପ କାମୁଡ଼ାରେ ମୃତ୍ୟୁସଂଖ୍ୟା ହ୍ରାସ ପାଇବ ବୋଲି ମତପ୍ରକାଶ ପାଉଛି। ସାପ କାମୁଡ଼ାରେ ମୃତ୍ୟୁ ହେବା ଘଟଣା ବିଶେଷ ଭାବେ ଗ୍ରାମାଞ୍ଚଳରେ ଦେଖା ଦେଇଥାଏ। ପାଖରେ ଜଙ୍ଗଲ, ବିଲ, ଚରାଭୂଇଁ ରହିଥିବାରୁ ଗ୍ରାମାଞ୍ଚଳରେ ସାପ ସଂଖ୍ୟା ଅଧିକ ରହିଥାଏ। ଘରଗୁଡ଼ିକ ମଧ୍ୟ ସୁରକ୍ଷା ପାଇବା ବ୍ୟବସ୍ଥା

## ବ୍ୟବଚ୍ଛେଦ କରିବାକୁ ମାନୁନାହାନ୍ତି ପରିବାର

ନ ଥାଏ। ସାପମାନେ ଅବାଧରେ ଘର ଭିତରକୁ ପଶିଆସି ଶୋଇଥିବା ସମୟରେ ଲୋକମାନଙ୍କୁ ଆକ୍ରମଣ କରିପାରନ୍ତି। ରାଜ୍ୟ ସରକାର ସାପ କାମୁଡ଼ାରୁ କିଭଳି ରକ୍ଷା ପାଇବେ, କାମୁଡ଼ିବା ପରେ କିଭଳି ଭାବେ ପ୍ରାଥମିକ ଉପଚାର କରି ଡାକ୍ତରଖାନାକୁ ଯିବେ ସେ ନେଇ ସଚେତନ କରୁଛନ୍ତି। ମେଡିକାଲ ଠାରୁ ଗ୍ରାମାଞ୍ଚଳରେ ସଭା ସମିତି ମଧ୍ୟ କରାଯାଉଛି। ହେଲେ ଆଶାନୁରୂପକ ଲାଭ ମିଳୁନାହିଁ। ରାଜ୍ୟ ସରକାର ମଧ୍ୟ ପ୍ରତେକ ଜିଲ୍ଲା ଓ ଉପଖଣ୍ଡସ୍ତରରେ ସାପ କାମୁଡ଼ାରେ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବଲପୁର ଜିଲ୍ଲାରେ ଗତ ଦୁଇବର୍ଷରେ ୯୫ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ତଥ୍ୟ ରହିଛି। ହେଲେ ସଚେତନତା ଅଭାବରୁ ଗ୍ରାମାଞ୍ଚଳରେ ସାପ କାମୁଡ଼ାରେ ପ୍ରାୟ ୨ ଶହରୁ ଅଧିକ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ଗ୍ରାମାଞ୍ଚଳରେ ସାପ କାମୁଡ଼ିବା ପରେ ଫୁଙ୍କା, ଝରା ଓ ଘରୋଇ ଚିକିତ୍ସା କରାଯାଉଛି। ଏଭଳି କ୍ଷେତ୍ରରେ ଅଧିକ ଜୀବନହାନୀ ହେଉଛି। ସେମାନେ ସରକାରୀ ରେକର୍ଡରେ ସାମିଲ ହେଉନାହାନ୍ତି। ରାଜ୍ୟ ସରକାର ସାପ କାମୁଡ଼ାରେ କ୍ଷତିପୂରଣ ରାଶି ଦେଉଛନ୍ତି। ହେଲେ ମୃତକ ପରିବାର ଅନ୍ଧବିଶ୍ୱାସ ଓ ବିଭିନ୍ନ କାରଣରୁ ଶବ ବ୍ୟବଚ୍ଛେଦ କରିବାକୁ ମନ କରୁନାହାନ୍ତି। ଗ୍ରାମରେ ଶବ ସତ୍କାର କରିଦେଉଛନ୍ତି। ଫଳରେ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ କ୍ଷେତ୍ରରେ ରାଜସ୍ୱ ବିଭାଗ ଓ ସ୍ଥାନୀୟ ପ୍ରଶାସନ ମିଳିତ ଭାବେ ଏକ ରିପୋର୍ଟ ମଧ୍ୟ ଦିଅନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅନୁଦାନରୁ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦିଆଯାଇଥାଏ। ଜିଲ୍ଲା ପ୍ରଶାସନ ପକ୍ଷରୁ ସାପ କାମୁଡ଼ାକୁ ଗୁରୁତ୍ୱର ସହିତ ନିଆଯାଇ ଏନେଇ ସଚେତନତା ସକାଶେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହେଉଛି। ସରକାରଙ୍କ ଯୋଜନା ଅନୁଯାୟୀ ସାପ କାମୁଡ଼ାକୁ ନେଇ ଲୋକଙ୍କୁ ସଚେତନ କରିବା ଏବଂ ସାପ କାମୁଡ଼ିଲେ ତଥା ଜଙ୍ଗଲ ଓ ସନ୍ତସନ୍ତିଆ ପରିବେଶରେ ଅଧିକ ସଂଖ୍ୟାରେ ସାପ ଦେଖାଯାଇଛନ୍ତି। ବର୍ଷା ସମୟରେ ଗାତରେ ପାଣି ପଶିବା ଫଳରେ ସାପ ଶୁଖିଲା ଭୂଇଁ ଖୋଜିଥାନ୍ତି। ଜିଲାର ବାମରା, ନାକଟିଦେଉଳ, ରେଙ୍ଗାଲି ଆଦି ବ୍ଲକରେ ଅଧିକ ସଂଖ୍ୟାରେ ସର୍ପାଘାତ ମୃତ୍ୟୁ ଅଭିଯୋଗ ହେଉଛି। ୨୦୨୧ମସିହାରେ ଜିଲ୍ଲାରେ ୪୬ଟି ସର୍ପାଘାତ ମୃତ୍ୟୁଅଭିଯୋଗ ହୋଇଥିବାବେଳେ ତନ୍ମଧ୍ୟରୁ ୫ଟି ସାପ କାମୁଡ଼ା ମୃତ୍ୟୁ ନୁହେଁ ବୋଲି ସରକାରୀ ଭାବେ ଅସ୍ୱୀକାର କରାଯାଇଥିଲା। ଏଥିମଧ୍ୟରୁ ଗୋଟିଏ ଘଟଣା ବ୍ୟତୀତ ସମସ୍ତ ଘଟଣାର କ୍ଷତିପୂରଣ ପ୍ରଦାନ କରାଯାଇଛି। ସେହିପରି ୨୦୨୨-୨୩ରେ ୨୭ଜଣଙ୍କ ସର୍ପାଘାତରେ ମୃତ୍ୟୁ ହୋଇଛି। ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ରାଜସ୍ୱ ଓ ପ୍ରଶାସନର ସର୍ଭେ ମିଳିନଥିବାରୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଚଳିତବର୍ଷ ଏପର୍ଯ୍ୟନ୍ତ ୨୨ ଜଣଙ୍କ ସର୍ପାଘାତରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୬ଜଣଙ୍କ ସର୍ଭେ ରିପୋର୍ଟ ମିଳି ନଥିବାରୁ ନିଶ୍ଚିତ ହୋଇ କ୍ଷତିପୂରଣ ଦିଆଯାଇନଥିବା ସୂଚନା ମିଳିଛି। ଗୁଣିଗାରେଡ଼ି ନକରି ତୁରନ୍ତ ଡାକ୍ତରଖାନାକୁ ନେଲେ ନିଶ୍ଚିତ ଭାବେ ଜୀବନ ବଞ୍ଚି ଯାଇ ପାରିବ ବୋଲି ମତ ପ୍ରକାଶ ପାଉଛି। ପ୍ରଚାରପ୍ରସାରର ଅଭାବ ରହିଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨୦୧୫ ମସିହାରୁ ସର୍ପାଘାତରେ ମୃତ୍ୟୁ ବ୍ରଜଘାତ, ପାଣିରେ ବୁଡ଼ି ମୃତ୍ୟୁ ଘଟିଲେ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଆସୁଥିଲେ। ଏବେ ତାହାକୁ ବୃଦ୍ଧି କରାଯାଇ ୬ଲକ୍ଷ ଟଙ୍କା କରିଦିଆଯାଇଥିବା ଜଣାପଡ଼ିଛି।



# ରେଙ୍ଗାଲି ସରପଞ୍ଚଙ୍କୁ 'ବେଷ୍ଟ ସୋସିଆଲ ସର୍ଭିସ' ସମ୍ମାନ

**ରେଙ୍ଗାଲି, ୨୦।୩(ସମିସ):** ଦିଲ୍ଲୀସ୍ଥିତ କନଷ୍ଟିଚ୍ୟୁନସ କ୍ଲବ୍ ଅଫ୍ ଇଣ୍ଡିଆ ଭବନ ପରିସରରେ ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗ ଦ୍ୱାରା ଅନୁଷ୍ଠିତ ଉତ୍ସବରେ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କୁ ସମ୍ମାନିତ କରାଯାଇଛି। ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ତିବ୍ବତ ପାର୍ଲାମେଣ୍ଟର ଉପବାଚସ୍ପତି ତଥା ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗ ଉପାଧକ୍ଷଆଚାର୍ଯ୍ୟ ଜେସି ଫୁନସୁକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ନେପାଳ କମ୍ୟୁନିଷ୍ଟ ପାର୍ଟିର ଉପାଧକ୍ଷ ବିଷ୍ଣୁ ପ୍ରସାଦ, ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗର ପରିଚାଳନା ନିର୍ଦ୍ଦେଶକ ଅଭିମନ୍ୟୁ, ଆୟୋଗର ସୁପର ଏଡିଟର ସାନିପିନା ଜୟଲକ୍ଷ୍ମୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ରେଙ୍ଗାଲି ପଞ୍ଚାୟତରେ ଦାରିଦ୍ର୍ୟ ଦୂରୀକରଣରେ ପୂର୍ବରୁ ନିଆଯାଇଥିବା ପଦକ୍ଷେପକୁ ଆୟୋଗ ପକ୍ଷରୁ ପ୍ରଶଂସା କରାଯିବା ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଓଡ଼ିଶାରୁ କେବଳ ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗଙ୍କୁ ଏହି ବେଷ୍ଟ ସୋସିଆଲ ସର୍ଭିସ



ସମ୍ମାନ ମିଳିଥିବାବେଳେ ପୂର୍ବ ଓଡ଼ିଶାର ଅନ୍ୟ ଜଣେ ଶିକ୍ଷକଙ୍କୁ ବେଷ୍ଟ ଟିଚର ସମ୍ମାନ ପ୍ରଦାନ କାରାଯାଇଛି। ସୂଚନା ଅନୁସାରେ ୨୦୨୨ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ଚିତ୍ତରଞ୍ଜନ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଆଦର୍ଶ ସରପଞ୍ଚ ଟ୍ରଫି ସହ ୨ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି। ଏହି ସମ୍ମାନ ସମାଜସେବା ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି ଚିତ୍ତରଞ୍ଜନ।

# ବଜ୍ରାଘାତରେ ମହିଳା ଆହତ

**ବାମରା, ୨୦।୩(ସମିସ):** ବାମରା ବ୍ଲକ ଗୁର୍ଲା ଗ୍ରାମରେ ବଜ୍ରାଘାତଜନିତ ଜନୈକା ସୁଜାତ ବାଗ ଆହତ ହୋଇଛନ୍ତି। ମଙ୍ଗଳବାର ହଠାତ୍ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ବଜ୍ରାଘାତ ହୋଇଥିଲା। ଗୁର୍ଲା ଗ୍ରାମର ସୁଜାତା କୋଠରୀ ଭିତରେ ଥିବା ଝରକା ପାଖରେ ବସିଥିବା ସମୟରେ ବଜ୍ରାଘାଜନିତ ତଳେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ି ଦିଆଯାଇଥିଲା।



ସେହିଭଳି ଗୁର୍ଲା ନୋଡ଼ାଲ ହାଇସ୍କୁଲସ୍ଥିତ ହଷ୍ଟେଲ ଭିତରେ ଥିବା ପ୍ରାୟ ୩ଜଣ ଛାତ୍ରୀ ବଜ୍ରାଘାତ ସମୟରେ ଭୟଭୀତ ହୋଇ ତଳେ ପଡ଼ିଯାଇ ସାମାନ୍ୟ ଆହତ ହୋଇଥିଲେ। ସମସ୍ତେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ମଦ ଜବତ, ମହିଳା ଗିରଫ

**ବାମରା, ୨୦।୩(ସମିସ):** ବାମରା ବ୍ଲକ ସାଙ୍କବାହାଲ ଗ୍ରାମରେ ବେଆଇନ ମଦ କାରବାର ଉପରେ ଗୋବିନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ସୂଚନା ଅନୁସାରେ, ସାଙ୍କବାହାଲ ଗ୍ରାମର ସୁମିତ୍ରା ଲଖୁଆ((୪୦)ବେଆଇନ ଭାବେ ଚୋରା ମଦ ବିକ୍ରି କରି ଆସୁଥିଲେ। ତାଙ୍କ ଘରୁ ୧୪ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ଉରେ ଗୋବିନ୍ଦପୁର ଅବକାରୀ ଅଧିକାରୀ ପାର୍ବତୀ ବୁଦ୍ଧିଆ, ସମୀର ସ୍ୱାଇଁ, ଶ୍ୟାମ ଭୋଇ, ଆଲମା ଟିଗଗା ପ୍ରମୁଖ ସାମିଲ ହୋଇଥିଲେ।



# ୭ କେଜି ଗଞ୍ଜେଇ ସହ ମହିଳା ଗିରଫ

**ପଡ଼ିଆବାହାଲ,୨୦ ।୩(ସମିସ):** ପଡ଼ିଆବାହାଲ ନିକଟସ୍ଥ ଘେନୁପାଲି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଗଞ୍ଜେଇ ସହ ଜଣେ ମହିଳାଙ୍କୁ ଅବକାରୀ ବିଭାଗ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ମତେ ଘେନୁପାଲି ଅଞ୍ଚଳର ୩୧ବର୍ଷିୟ ମହିଳା ଚନ୍ଦ୍ରକାନ୍ତି ଦାଶ ୭ କେଜି ଗଞ୍ଜେଇ ଧରି ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ମଙ୍ଗଳବାର ସକାଳେ ଅପେକ୍ଷା କରି ରହିଥିବା ବେଳେ ସମ୍ବଲପୁର ଅବକାରୀ ବିଭାଗର ଗୋଇନ୍ଦା ଦଳ ଚନ୍ଦ୍ରକାନ୍ତିଙ୍କୁ କାବୁ କରି ତା'ଠାରୁ ୭ କେଜି ଗଞ୍ଜାଇ ଜବତ କରି ଗିରଫ କରିଥିଲେ।



# ଗାଁରେ ପଖାଳ ଦିବସ ପାଳିଲେ ଯୁବଗୋଷ୍ଠୀ

**ସମ୍ବଲପୁର/ରେଙ୍ଗାଲି, ୨୦।୩(ସମିସ):** କାହା ପାଇଁ କେମିତି ପଖାଳ ଦିବସ। ଖେତ ହିଡ଼ରେ ବାସି ପଖାଳ ଖାଉଥିବା ଶ୍ରମିକ ପାଇଁ ସବୁଦିନ ପଖାଳ ଦିବସ। ହେଲେ ମାର୍ଚ୍ଚ ୨୦ଆସିଲେ ସମସ୍ତେ ପଖାଳ କଂସା ଖୋଜନ୍ତି ଓ ପଖାଳ ଦିବସ ପାଳନ କରନ୍ତି। ପଖାଳ ଦିବସ ଏବେ ଗ୍ରାମାଞ୍ଚଳରେ ମଧ୍ୟ ବେଶ ଆଦୃତ ଲାଭ କରିଛି। ସମ୍ବଲପୁର ଜିଲ୍ଲାର ଟାମ୍ପରକେଲା ଗାଁର ମହେଶ୍ୱର ଯୁବକ ସଂଘ ପକ୍ଷରୁ ନିଆରା ଢଙ୍ଗରେ ପାଳିତ ହୋଇଛି ପଖାଳ ଦିବସ। ପଖାଳ ଦିବସରେ ତାଙ୍କର ସାଜସଜ୍ଜା ବେଶ୍ ନିଆରା ଥିଲା। ଟାମ୍ପରକେଲା ଗାଁର ମହେଶ୍ୱର ଯୁବକ ସଂଘ ପକ୍ଷରୁ ଏହି ଦିବସଟିକୁ ପାଳନ କରାଯାଇଛି। ପ୍ରତିବର୍ଷ ପ୍ରକୃତି କୋଳରେ ଆମ୍ବତୋଟାରେ ଏହି ପଖାଳ ଦିବସ ପାଳନ କରାଯାଉଥିବାବେଳେ ଚଳିତବର୍ଷ ବର୍ଷା ପାଗ ଯୋଗୁଁ ରାଜୀବ ଭବନଠାରେ ପଖାଳ ଦିବସ ପାଳନ କରିଥିଲେ। ଏକ କୋଠାରେ ଗାଁର ଯୁବଗୋଷ୍ଠୀ ଏକତ୍ର ବସି ପଖାଳ ଖାଇଥିଲେ। ମାଟିପାତ୍ରରେ ପଖାଳ ବାଢି କଦଳୀପତ୍ର ଉପରେ ଛ'ତିଅଣ ନ ଭଜା କରି ସୁନ୍ଦର ଢଙ୍ଗରେ ପଖାଳ ଦିବସ ପାଳନ କରିଥିଲେ। ୧୨ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିବାବେଳେ ମାଟି ପାତ୍ରରେ ପଖାଳ ପରସାଯାଇଥିଲା। ଖାସ

## ଜଙ୍କ୍ ଫୁଡ୍‌ରୁ ଦୂରରେ ରହିବାକୁ ବାର୍ତ୍ତା

କରି ଗାଁର ଯୁବକମାନେ ଏକାଠି ଧାଡିରେ ବସି ଏହି ପଖାଳ ଦିବସର ମଜା ନେଇଥିଲେ। ଏଥିରେ ଛୋଟ ଛୁଆ ମଧ୍ୟ ସାମିଲ ହୋଇଥିଲେ। ୧୨ପ୍ରକାର ବ୍ୟଞ୍ଜନରେ ଛୁନାମାଛ, ଚିକେନ୍, ଛତୁ, କଲରା ଚିପ୍ସ, ବଡ଼ିଚୁରା, ଆଳୁ ଭଜା, ବାଇଗଣ ଭର୍ତ୍ତା ପରି ଦେଶୀ ତଥା ଗାଁ ଗହଳି ଖାଦ୍ୟ ରହିଥିଲା। ଖାସ କରି ପୋଡା ଆଇଟମ ଉପରେ ଧ୍ୟାନ ଦେବା ସହ ବାସି ପଖାଳ ପରସା ଯାଇଥିଲା। ମାଟି ହାଣ୍ଡିରେ ପଖାଳ ରଖାଯିବା ସାଙ୍ଗକୁ ମାଟିପାତ୍ରରେ ଖାଇବାକୁ ଦିଆଯାଇଥିଲା। ତେବେ ବର୍ତ୍ତମାନ ଯୁଗରେ ଫର୍ମେଣ୍ଟେଡ ରାଇସ ଉପରେ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗବେଷଣା ଚାଲିଥିବାବେଳେ ଏହାକୁ ଦେହକୁ ହିତକର ବୋଲି ପ୍ରମାଣ ହୋଇ ସାରିଲାଣି। ଫଳରେ ବାସି ପଖାଳକୁ ପ୍ରତିଦିନ ନିଜର ଖାଦ୍ୟ ପ୍ରଣାଳୀ ସାମିଲ କରିବା ସହ ଜଙ୍କ୍ ଫୁଡ୍‌ରୁ ଦୂରରେ ରହିବାକୁ ଆହ୍ୱାନ ଦେଇଛନ୍ତି ଯୁବପୀଢ଼ି। କାର୍ଯ୍ୟକ୍ରମରେ ମହେଶ୍ୱର ଯୁବକ ସଂଘର ସଭାପତି ଯତୀଶ ବିଶ୍ୱାଲ, ସମ୍ପାଦକ ଅନିଲ କୁମାର ବାରିକ, ସଦସ୍ୟ ନେପାଲ ବଡ଼ାଇ, ଗୌରାଙ୍ଗ ବେହେରା, ସୁବ୍ରତ ପଧାନ, ଅକ୍ଷୟ ସାହୁ, ଦର୍ଶନ ସାହୁ, ପରେଶ ସାହୁ, ତୋଫାନ ବଡ଼ାଇ, କ୍ରିଷ୍ଣା ବିଶ୍ୱାଲ, ଶୁଭମ ତ୍ରିପାଠୀ, ସରପଞ୍ଚ ଚିତମ୍ବିନୀ ସାହୁ, ଚନ୍ଦ୍ରଶେଖର ସାହୁ, ଚିତ୍ତରଞ୍ଜନ ସାହୁ, ବିରେନ୍ଦ୍ର ପଧାନ, ସମିତ ସାହୁ, ପ୍ରକାଶ ପଧାନ, ସୁଜିତ ବଡ଼ାଇ, ସୁଶାନ୍ତ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

# ସୁବିଧା କେନ୍ଦ୍ରକୁ ବିରୋଧ କରି ଦାବିପତ୍ର ପ୍ରଦାନ

**ରେଢ଼ାଖୋଲ, ୨୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ତ୍ରୀବଣପୁର ଗ୍ରାମ ପଞ୍ଚାୟତ ଅଧୀନ ଅଇଁଲାପାଲି ଗ୍ରାମରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା କେନ୍ଦ୍ର ସ୍ଥାନକୁ ଗ୍ରାମବାସୀ ବିରୋଧ କରି ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଗ୍ରାମବାସୀମାନଙ୍କ ସୁବିଧା ପାଇଁ ସୁବିଧା କେନ୍ଦ୍ର ନିର୍ମାଣ କରିବା ପାଇଁ ଅନୁଦାନ ପ୍ରଦାନ କରିଛନ୍ତି। ଅଇଁଲାପାଲି ଗ୍ରାମ ପାଇଁ ୨ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ତେବେ ଏହି ସୁବିଧା କେନ୍ଦ୍ରଟି ସଠିକ୍ ସ୍ଥାନରେ ହେଉ ନଥିବା ଅଭିଯୋଗରେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଯେଉଁ ସ୍ଥାନରେ ଗ୍ରାମର ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥାଏ ସେ ସ୍ଥାନରେ ଗ୍ରାମର ସୁବିଧା କେନ୍ଦ୍ରଟି ହେଲେ ଗ୍ରାମବାସୀ ପ୍ରକୃତ ଲାଭ ପାଇପାରିବେ ବୋଲି ସେମାନେ ଦର୍ଶାଇଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ସରସ୍ୱତୀ ପୂଜା କମିଟି ଓ ଗ୍ରାମବାସୀ ମଧ୍ୟରେ ବବୁଲୁ ସ୍ୱାଇଁ, ଉତ୍ତମ ନାୟକ, ଉମାକାନ୍ତ ସ୍ୱାଇଁ, ବାଦଲ ନାଏକ, ଟିକେଶ୍ୱର୍ ନାଏକ, ମହେନ୍ଦ୍ର ସ୍ୱାଇଁ, ଦିଗବାସ ସ୍ୱାଇଁ, ଯଜ୍ଞେସ୍ୱର ସ୍ୱାଇଁ, ସନାତନ ସ୍ୱାଇଁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ବଡ଼କୁଣ୍ଡେସରାରେ ଶନି, ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ପଡ଼ିଆବାହାଲ, ୨୦।୩ (ସମିସ):** ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼କୁଣ୍ଡେଇସରା ଗ୍ରାମରେ ସକାଳ ପାହିଲେ ବଜରଙ୍ଗବଳି ଶ୍ରୀହନୁମାନ ଓ ଗ୍ରହରାଜ ଶନିଙ୍କ ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ହେଉଛି। ସେଥିପାଇଁ କଳସ ଯାତ୍ରା ସମ୍ପନ୍ନ ହୋଇସାରିଛି। କର୍ତ୍ତା ଦାୟିତ୍ୱରେ ପ୍ରସନ୍ନ ପଧାନ ଓ ଦୀପ୍ତିମଞ୍ଜରୀ ପଧାନ, ମନୋଜ ସାହୁ ଓ ରଞ୍ଜିତା ସାହୁ, ସୁଦିପ୍ତ ନାଥ ଓ ମୀରାଶ୍ରୀ ନାଥ, ଖିତେନ୍ଦ୍ର ସାହୁ ଓ ଚନ୍ଦ୍ରକାନ୍ତି ସାହୁ ରହିଥିବାବେଳେ ପୂଜକ ଭାବରେ ପଣ୍ଡିତ ଶ୍ରାସତ ବଡ଼ପଣ୍ଡା, ପୁରୁଷୋତ୍ତମ ମହାପାତ୍ର, ପ୍ରଶାନ୍ତ ନାୟକ, ସମିତ ପଣ୍ଡା, ମାନସ ପୁରୋହିତ, ଅଜୟ ନାୟକ, ଶ୍ରୀକାନ୍ତ ପଣ୍ଡା ଓ ବିଦ୍ୟାଭୂଷଣ ନାୟକ କାର୍ଯ୍ୟ ତୁଲାଉଛନ୍ତି। ଆଜି ମଣ୍ଡପରେ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା, ହୋମଯଜ୍ଞ ହୋଇଥିଲା। ଆସନ୍ତାକାଲି ବିଗ୍ରହ ମନ୍ଦିର ପ୍ରବେଶ କରିବେ ବୋଲି ସୂଚନା ମିଳିଛି। ତେବେ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୧ତାରିଖରେ ସମାପନ ହେବ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ କମିଟିର ବାବୁଲା ସାହୁ, ପ୍ରଶାନ୍ତ ନାଥ, ପ୍ରଦୀପ ସାହୁ, ଡମ୍ବରୁ ବେହେରା, ଭୁବନେଶ୍ୱର ସାହୁ, ଭରତ ନାଏକ, କାର୍ତ୍ତିକ ସାହୁ, ମହେନ୍ଦ୍ର ନାଥ, ଦୁର୍ଗା ପଧାନ, ମିହିର ପଧାନ, ଅଶ୍ୱିନୀ କୈବର୍ତ୍ତ, ଅକ୍ଷୟ ସାହୁ, କୁନା ବସନ୍ତରା, ସଞ୍ଜୀବ ସାହୁ, ସଦାଶିବ ସାହୁ, ଅଜୁ ସାହୁ, ଆକାଶ ପଧାନ, ସପ୍ନେଶ୍ୱର ନାୟକ ଓ ପ୍ରମୋଦ ସାହୁଙ୍କ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ନେଇ ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି।



# ମହିଳାଚାଷୀଙ୍କୁ କୃଷି ଯନ୍ତ୍ରପାତି ପ୍ରଦାନ, ଚାଷ ସମ୍ବନ୍ଧୀୟ ପରାମର୍ଶ

**ଯୁଯୁମୁରା, ୨୦।୩(ସମିସ):** ଯୁଯୁମୁରା ବ୍ଲକର ଚାଷୀମାନଙ୍କୁ ଆଜି କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରଦାନ କରାଯାଇଛି। ଚାଷୀମାନଙ୍କ ମଧ୍ୟରେ ମିଶନ ଶକ୍ତିରେ ସାମିଲ ଥିବା ମହିଳାଚାଷୀ ମଧ୍ୟ ଅଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ବାୟଫ୍ ସହାୟତାରେ ଚାଲୁଥିବା ସିଏସ୍‌ଆର୍ କେନ୍ଦ୍ରିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମର ସାମିଲ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଜି.ମୋହନ କୁମାର ଅବସରପ୍ରାପ୍ତ ଭାରତ ପ୍ରଶାସନ ସେବା, ବାୟଫ୍ ସଂସ୍ଥା ଆଞ୍ଚଳିକ ନିର୍ଦ୍ଦେଶକ ରାକେଶ ୱାରିଅର୍, ରାଜ୍ୟ ମୁଖ୍ୟ ସନ୍ଦୀପ କାକାଡ଼େ, ପ୍ରକଳ୍ପ ପ୍ରବନ୍ଧକ ଚନ୍ଦ୍ରକାନ୍ତ ବରଦା ପ୍ରସନ୍ନ, ବ୍ଲକ ଅଧୀକାରୀ ସୁଶ୍ରୀ ଆକାଂକ୍ଷା ବେହେରା, ପ୍ରକାଶ କୁମାର ଖଣ୍ଡାଇ, ବିଶ୍ୱଜିତ, ବିଶ୍ୱରଂଜନ ଭୋଇ, ପୱନ ଦେଓ କୁମାର, ବୁଦ୍ଧଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଯୁଯୁମୁରା ବ୍ଲକର ରାମ ବଡମାଲ ଓ କାୟକୁଦ୍ ଗ୍ରାମ ବୁଲିଥିଲେ। ଏହି ଗସ୍ତରେ ଲାଭବାନ ହୋଇଥିବା ଆମ୍ବ ଚାଷୀ, ମଞ୍ଚା ପ୍ରଣାଳୀ ପରିବା ଚାଷୀ, ଛତୁ ଚାଷୀ ଓ ମା ତାରିଣୀ, ଜଗତ୍ ଜ୍ୟୋତି, ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କ କୃଷି ସରଞ୍ଜାମ କେନ୍ଦ୍ର ଏବଂ ହାଇଟେକ୍ ନର୍ସରୀ ବ୍ୟବସାୟ କରି କିପରି ଆୟ ବୃଦ୍ଧି କରିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ବାୟଫ୍ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହାୟତାରେ ବିଗତ ୨୦୨୨ ମସିହା ଠାରୁ ସମ୍ବଲପୁର ଯୁଯୁମୁରା ବ୍ଲକରେ କାମ କରିଆସୁଛି। ଏହି ଉନ୍ନତିମୂଳକ କାର୍ଯ୍ୟକ୍ରମ ଜରିଆରେ ଆମ୍ବ ବାଡି, ଉନ୍ନତ ପନିପରିବା ଚାଷ, ପୋଖରୀ ଖନନ ଓ କୃଷି ଯନ୍ତ୍ରପାତି ଦ୍ୱାରା ଶତାଧିକ ଚାଷୀ ଲାଭବାନ୍ ହୋଇପାରିଛନ୍ତି।



# ଲଗାଣବର୍ଷାରେ ଉଜୁଡ଼ିଗଲା ପନିପରିବା

**କୁଚିଣ୍ଡା, ୨୦।୩(ସମିସ):** ଗତ ୨/୩ଦିନର ଅଦିନିଆ ଲଗାଣ ବର୍ଷାରେ କୁଚିଣ୍ଡା ଅଞ୍ଚଳରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହୋଇଯାଇଛି। କୁଚିଣ୍ଡା ଏନଏସି ୱାର୍ଡ ନଂ୧୦ସଇଡା ନଦୀ

## ଚିନ୍ତାରେ ଚାଷୀ, କ୍ଷତିପୂରଣ ଦାବି

କୂଳରେ ପାଖାପଖି ଚାରି ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷୀ ହିରାଧର ଠାକୁର ଓ ଫଗୁରାମ ସାହୁ ନିଜସ୍ୱ ପରିଶ୍ରମରେ ପନିପରିବା, ଲଙ୍କା, ବାଇଗଣ, ଜୁଡଙ୍ଗ, ମୁଗ, ଟମାଟର, କଲରା, ଫୁଲକୋବି ଓ ବନ୍ଧାକୋବି ଚାଷ କରିଥିଲେ। ବାଇଗଣ ପ୍ରଚୁର ଫଳିଥିବାବେଳେ ଅଦିନିଆ ଲଗାଣବର୍ଷା ଯୋଗୁ ବାଇଗଣ ଗଛରୁ ଝଡ଼ି ପଡ଼ିଯିବା ସହ ଲଙ୍କାଗଛ ଗୁଡ଼ିକ ମାଟିରେ ଲୋଟି ନଷ୍ଟ ହୋଇଯାଇଥିଲା। ଫଳରେ ଉଭୟ ଚାଷୀ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ବଡ଼ କଷ୍ଟରେ ଉଭୟ ଚାଷୀ ଲଙ୍କାଗଛ ଗୁଡ଼ିକୁ ମାଟିରୁ ଉଠାଇ ସିଧା କରିବାରେ ବ୍ୟସ୍ତଥିବାବେଳେ ଜୁଡଙ୍ଗ, ମୁଗ, ଟମାଟର, କଲରା ଆଦି ମାଟିରେ ଲୋଟିଯାଇଛି। ମୁଣ୍ଡର ଝାଳ ତୁଣ୍ଡରେ ମାରି ସମସ୍ତ ଜିନିଷ ବିକ୍ରି କରି ବେଶ୍ ଦୁଇପଇସା ରୋଜଗାର କରିବାର ଆଶା ରଖିଥିବାବେଳେ ଅଦିନିଆବର୍ଷା ପନିପରିବା ଫସଲ ଉଜାଡି ଦେଲା। ଏଣୁ ଚିନ୍ତାରେ ଉଭୟ ଚାଷୀ ନିରାଶ ହୋଇପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ଦାବି ହୋଇଛି।



# ନୂତନ ଅଦାଲତ ଗୃହ ପାଇଁ ଭିତ୍ତିପ୍ରସ୍ତର

**ରେଢ଼ାଖୋଲ, ୨୦।୩(ସମିସ):** ସ୍ଥାନୀୟ କଳିନ୍ଦର ଗ୍ରାମ ନିକଟରେ ନୂତନ ଅଦାଲତ ଗୃହ ନିର୍ମାଣ ପାଇଁ ଭିଡିଓ କନଫରେନ୍ସ ମାଧ୍ୟମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏକ ଭବ୍ୟ ଅଦାଲତ ଗୃହ ନିର୍ମାଣ ହେବ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଚାରପତି ପ୍ରଦ୍ୟୁମ୍ନ କୁମାର ନାୟକ, ରେଜିଷ୍ଟ୍ରାର ଶୋଭନ କାନୁନଗୋ, ଏଡିଜେ ଦୀପ୍ତିପ୍ରକାଶ ବ୍ରହ୍ମା, ସିଭିଲ ଜଜ୍ ବେଦ ପ୍ରକାଶ, ଏସଡିଜେଏମ ହୃଷୀକେଶ ଖେମେଣ୍ଡୁ, ବାର୍ ଆସୋସିଏସନ୍ ସଭାପତି ଅଭୟ କୁମାର ବିର, ସମ୍ପାଦକ ଉମାକାନ୍ତ ମହାନନ୍ଦ ପ୍ରମୁଖ ସମେତ ଅନ୍ୟ ବାର୍ ଆସୋସିଏସନ୍ ଆଡଭୋକେଟ ସଦସ୍ୟ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ବିଭ୍ରାଟ, ଅନ୍ଧାରରେ ଏକାଧିକ ଗ୍ରାମ

**ପଡ଼ିଆବାହାଲ, ୨୦।୩(ସମିସ):** ସାମାନ୍ୟ ବର୍ଷା ହେଲେ ଗାଁ ଅନ୍ଧାର ହୋଇଯାଉଛି। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିପାରେ ହେଲେ ଘଟଣା ସତ। ପଡ଼ିଆବାହାଲ ଓ ଆଖପାଖ ଗ୍ରାମରେ ଏଭଳି ସମସ୍ୟା ଦେଖାଦେଉଛି। ଗତ ୫ଦିନ ଧରି ଏଭଳି ଅବସ୍ଥା ଲାଗିରହିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉ ନଥିବା ଅଭିଯୋଗ ହେଉଛି। ବିଜୁଳି ଲୁଚକାଳି ଖେଳୁଛି। ଏବେ ସମସ୍ତଙ୍କ ପାଇଁ କାଳ ସାଜିଛି। ଏପରିକି ବିଜୁଳି ଗଲେ ସମୟ ସମୟ ଧରି ଏପରିକି ସପ୍ତାହେ ପର୍ଯ୍ୟନ୍ତ ଅନେକ ଆଭ୍ୟନ୍ତର ଗ୍ରାମକୁ ପହଞ୍ଚିପାରି ନଥାଏ। ଯାହାକୁ ନେଇ ଲୋକଙ୍କ ମନରେ ଅଶାନ୍ତି ଦିନକୁ ଦିନ ବଢ଼ିବାରେ ଲାଗିଛି। ପଡ଼ିଆବାହାଲ, ଜୟନ୍ତପୁର, ମାନେଶ୍ୱର, ଯୁଯୋମୁରା ଭଳି ମୁଖ୍ୟ ବଜାର ଉପରେ ଏଭଳି ଅବସ୍ଥା ଉପୁଜୁଥିବା ବେଳେ ଆଭ୍ୟନ୍ତର ଗ୍ରାମରେ ସମସ୍ୟା ଆହୁରି ଜଟିଳ ହେଉଛି। ବିଜୁଳି ଭଳି ଅତି ଆବଶ୍ୟକତା ଓ ନିର୍ଭରଶୀଳ ସେବାରେ ହେଉଥିବା ସମସ୍ୟା ସରକାର ଓ ପ୍ରଶାସନ ପରିଚାଳନା ଦାୟିତ୍ୱରେ ଠିକା ସଂସ୍ଥାକୁ ତାଗିଦ କରିବାକୁ ଦାବି ହେଉଛି। ନିୟନ୍ତ୍ରଣ ନ କଲେ ମନମୁଖି କାରବାର ଦିନକୁ ଦିନ ବଢ଼ିଯିବ। ଯାହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଜି ସାମାନ୍ୟ ମେଘରୁ ଯଦି ଏଭଳି ଅବସ୍ଥା ଘଟିଥିଲା। ତେବେ ଆଗକୁ କ'ଣ ନହେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ବର୍ତ୍ତମାନ ବଜାରରେ କିରୋସିନୀ ମିଳୁ ନଥିବାରୁ ଲୋକେ ମହମବତୀ ଉପରେ ନିର୍ଭର କରିବାକୁ ପଡୁଛି। ତେବେ ଏହି ବ୍ୟୟସାଧ ଆଲୁଅ ବ୍ୟବସ୍ଥା ଭିତରେ ସାଧାରଣ ନାଗରିକ ଚଳିବା ବର୍ତ୍ତମାନକୁ ଦୁରୂହ ବ୍ୟାପାର ହୋଇଥିବାରୁ ବିଜୁଳୀ ସେବା ପ୍ରତି ଲୋକେ ମୁହଁମୋଡ଼ିବା ଆରମ୍ଭ କଲେଣି। ଗତ ୭ଦିନ ପରି ଆଜି ମଧ୍ୟ ପଡ଼ିଆବାହାଲ ଅଞ୍ଚଳର କଦଳୀମୁଣ୍ଡା, ଡଙ୍ଗରପଡ଼ା, କୁଲୁଣ୍ଡି, ବାହାମ, ପଧାନପାଲି, ବଡତୁରାଙ୍ଗ, ଘେନୁପାଲି, ସନାତନପାଲି, ନୂଆଁ ବରଙ୍ଗାମାଲ, କୁକୁଡାପାଲି, ଭଳି ପ୍ରମୁଖ ଗ୍ରାମ ପ୍ରାୟ ଦିନରେ ଅନ୍ଧାର ହୋଇ ପଡ଼ିରହିଛି।



# କାଳବୈଶାଖୀ; ଜନଜୀବନ ବିପର୍ଯ୍ୟସ୍ତ, ଚାଷୀ ବିଚଳିତ

କୋଲାବିରା/ଝାରସୁଗୁଡ଼ା, ୨୦।୩(ସମିସ)

ଗତ ସଂଧ୍ୟାରେ ସଙ୍ଘଟିତ ଅଦିନିଆ ଝଡବର୍ଷା ଓ ପବନ ଯୋଗୁଁ କୋଲାବିରା ବ୍ଲକର କେଲଡାମାଲ ପଞ୍ଚାୟତ ଓ





ସୋଡାମାଲ ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଘର ଓ ବୃକ୍ଷରାଜି କ୍ଷତିଗ୍ରସ୍ତ ହୋଇଛି। ଏପରିକି ବହୁ ବଡବଡ ଗଛ ଭାଙ୍ଗି ପଡ଼ିବା ସହ ବହୁ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବୁଧବାର ସଂଧ୍ୟାରେ ପ୍ରବଳ ବର୍ଷା ଓ ଝଡ ତୋଫାନ୍ ଯୋଗୁଁ କୋଲାବିରା, ତରେଇକେଲା, କେଲଡା, ଗୁଡିଗାଁ ଆଦି ଅଞ୍ଚଳରେ ଥିବା ବହୁ ପୁରୁଣା ଗଛ ଭାଙ୍ଗି ପଡ଼ିବା ସହ ବ୍ୟାପକ ଘର ନଷ୍ଟ ହୋଇଥିବା ବେଳେ ବିଦ୍ୟୁତ୍ ତାର ଛିଣ୍ଡି ଉକ୍ତ ଅଞ୍ଚଳ ଏବେ ଅନ୍ଧାର ମଧ୍ୟରେ ବୁଡି ରହିଛି। ଏପରିକି ସମ୍ପୃକ୍ତ ଅଞ୍ଚଳରେ ଚାଷ ହୋଇଥିବା ବ୍ୟାପକ ପନିପରିବା ଚାଷ ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ଅନ୍ୟ ପକ୍ଷରେ କାଳବୈଶାଖୀ ପ୍ରଭାବରେ ବର୍ଷା, ପବନ ସହ ସ୍ଥାନେ ସ୍ଥାନେ କୁଆପଥର ବୃଷ୍ଟି ହୋଇଥିବା ଯୋଗୁଁ ତାପମାତ୍ରା ହ୍ରାସ ପାଇବା ସହ କିଛି ଦିନରୁ ଲାଗି ରହିଥିବା ପ୍ରବଳ ତାତିରୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି। କିଛି ସମୟ ପାଇଁ ଜୋରରେ ପବନ ବହିବାପରେ ଘଡଘଡି ସହ ବର୍ଷା ଆରମ୍ଭ ହୋଇ ଦୀର୍ଘ ଦୁଇଘଣ୍ଟା ଧରି ପ୍ରବଳ ବର୍ଷା ସାଙ୍ଗକୁ କରକା ମାଡ ହୋଇଥିଲା। ଦକ୍ଷିଣକାଳୀ ମନ୍ଦିର ସାମନାରେ ଏକ ବିରାଟ ଗଛ ଉପୁଡି ପଡ଼ିବାଫଳରେ ଦୁଇଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯିବା ସହ ସମଲେଶ୍ୱରୀ ମନ୍ଦିର ଓ ରାଜବାଟୀକୁ ଯାଉଥିବା ଜମିଦାର ପଡ଼ାର ମୁଖ୍ୟ ରାସ୍ତା ଅବରୋଧ ହୋଇଥିଲା। ପରେ କୋଲାବିରା ଦମକଳ ବାହିନୀର ପରିଶ୍ରମ ଦ୍ୱାରା ଗଛକାଟି ରାସ୍ତା ଯାତାୟାତ ଉପଯୋଗୀ ହୋଇପାରିଥିଲା। ତେବେ ଗତ କିଛିଦିନ ଧରି ହୋଇଥିବା ଲଗାଣବର୍ଷାରେ କୋଲାବିରା ଅଞ୍ଚଳରେ ହୋଇଥିବା ପରିବା ଚାଷ ପ୍ରଭାବିତ ହୋଇଛି। ଝିପିଝିପି ବର୍ଷା ଲାଗିରହିବା ଯୋଗୁଁ ବିଭିନ୍ନ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। କୋହଲା ପାଗ ଯୋଗୁଁ ରୋଗପୋକଙ୍କ ଉପଦ୍ରବ ବୃଦ୍ଧି ପାଇବାର ଭୟ ରହିଛି। ବିଶେଷକରି ଫୁଲକୋବି ଓ ପତ୍ରକୋବିରେ ଫିମ୍ପି ଜାତୀୟ ରୋଗ ପୋକ ଦେଖାଦେବାର ସମ୍ଭାବନା ରହିଛି। ଜୀବାଣୁ ସଂକ୍ରମଣର ମଧ୍ୟ ଭୟ ରହିଛି। ଅପରପକ୍ଷରେ ବିଲରେ ପାଣି ଜମିବା ଫଳରେ କୋଶଳା, ପାଲଙ୍ଗ, ଧନିଆ, ବିନ ଆଦି ଫସଲ ପଚିଯିବାର ଆଶଙ୍କା ରହିଛି। ପନିପରିବାରୁ ଲାଭ ଆଶା କରୁଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଅଦିନିଆ ବର୍ଷା ଚାଷୀଙ୍କୁ ବିଚଳିତ କରିଛି।

ଅନ୍ୟପକ୍ଷରେ, ସନ୍ଧ୍ୟା ୮ଟା ସମୟରେ ହଠାତ୍ ଏହି କାଳବୈଶାଖୀର ପ୍ରଭାବରେ ଝାରସୁଗୁଡ଼ା ସହରସ୍ଥିତ ପୁରୁଣା ବସ୍ତି ୧୭ ନଂ ୱାର୍ଡ ଓରାମପଡ଼ା ମହାଦେବ ନଗର ଏବଂ ମିଲତ କଲୋନୀକୁ ସଂଯୋଗ କରୁଥିବା ରାସ୍ତା ଉପରେ ବିରଟକାୟ ଗଛ ପଡ଼ିଥିଲା। ଫଳରେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଣ୍ଡି ପଡ଼ିଛି। ସେହିପରି ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଗତକାଲି ରାତିରେ ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିଥିଲା। ପ୍ରବଳ ବେଗରେ ପବନ ବହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ରାସ୍ତାରେ ଆସିବା ସମୟରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଯୋଗୁଁ ବଢ଼େଇମୁଣ୍ଡା ଛକ ଠାରୁ ଘନଶ୍ୟାମ ହେମଲତା ବିଦ୍ୟାଳୟ ରାସ୍ତା ମଝିରେ ଛୋଟ୍ ବଡ଼ ଗାତ ହେବା ଯୋଗୁଁ ପାଣି ଜମି ରହିବା ଫଳରେ ଗାଡ଼ି ଚାଳକ ଶିକ୍ଷାନୁଷ୍ଠାନ କର୍ମଚାରୀ ଓ ସାଧାରଣ ଲୋକେ ଗାତରେ ଖସି ଦୁର୍ଘଟଣାର ଶିକାର ହେଉଛନ୍ତି। ସହରର ତଳି ଅଞ୍ଚଳରେ ପ୍ରବଳ ପବନ ବହିବା ଯୋଗୁଁ ଅସ୍ଥାୟୀ ଦୋକାନଗୁଡିକର ଆଜବେଷ୍ଟସ ଉଡ଼ାଇ ନେବା ସହ ଲୋକଙ୍କ ଘରେ ପାଣି ପଶିଛି। ସହରର ବିଭିନ୍ନ ସ୍ଥାନରେ ନାଳ ନର୍ଦ୍ଦମା ସଫା ହେଉ ନଥିବାରୁ ପାଣି ନିଷ୍କାସନ ନହେବା ଫଳରେ ରାସ୍ତା ଉପରେ ପାଣି ଜମୁଛି। ଅନ୍ୟପଟେ ସହରର ରେଳଷ୍ଟେସନ ସମ୍ମୁଖରେ ରାତିରେ ଶୋଉଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଦିନିଆ ବର୍ଷା ଯୋଗୁଁ ପନିପରିବା ନଷ୍ଟ ହେଉଥିବାର ସୂଚନା ମିଳିଛି।

କାଳବୈଶାଖୀ ପାଇଁ ବନ୍ଧବାହଲରେ ମଧ୍ୟ ଦେକାନୀର ଛପର ଉଠାଇ ନେଇଛି। ବେଲପାହାଡ଼ ଗର୍ଭାଖାଇଠାରେ ପବନର ଅନେକ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗିପଡ଼ିବାରୁ ଲୋକେ ଗାଁ ରାସ୍ତାରେ ଚଳାଚଳ କରିବାକୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଇଛନ୍ତି। ସେହିପରି ବେହେରାଗୁଡ଼ା ଲଖନପୁର ରାସ୍ତାରେ ବିରାଟକାୟ ଗଛପଡ଼ି ରାସ୍ତା ଅବରୋଧ ହୋଇଛି। ବୁଧବାର ସକାଳୁ ଏହି ଗଛକୁ ଅଗ୍ନିଶମ ବିଭାଗ କାଟି ଅଲଗା କରିବା ପରେ ଏହି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

## ପୂର୍ବଶତ୍ରୁତାକୁ ନେଇ ଯୁବକକୁ ସଙ୍ଘବଦ୍ଧ ଆକ୍ରମଣ

**ଦେବଗଡ଼, ୨୦।୩(ସମିସ):** କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ସୁରୁଙ୍ଗିପାଳ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ଏହି ଆକ୍ରମଣ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ୪ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

ସୁରୁଙ୍ଗିପାଳ ମାହାର ସାହିର ଲିଟୁନ, ତାପସ, ସିଦ୍ଧାନ୍ତ, ବିଦେଶୀ, କାଞ୍ଚନ, ଝୁନା ଓ ସୁଲ ମାହାର ମଙ୍ଗଳବାର ଅପରାହ୍ନରେ ସାହିର ଗୁରୁଚରଣ ମାହାରଙ୍କୁ ରାସ୍ତାରେ ଅଟକାଇ ବାଡ଼ି, ଠେଙ୍ଗା ଓ ପଥର ସାହାଯ୍ୟରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଆକ୍ରମଣ ବେଳେ ଗୁରୁଚରଣ ଚିତ୍କାର କରିବାରୁ ପାଖରେ ଥିବା ଭାଇବୋହୂ ଭାରତୀ ମାହାର ନିଜ ସ୍ୱାମୀ ଚୌଧୁରୀ ମାହାରଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେବାସହ ଭାଇକୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର ପାଇଁ ଯିବା ବେଳେ ଉପରୋକ୍ତ ଅଭିଯୁକ୍ତମାନେ ପଥର ସାହାଯ୍ୟରେ ଆକ୍ରମଣ କରିବାରୁ ଚୌଧୁରୀ ସେଠାରେ ଚେତାଶୂନ୍ୟ ହୋଇ ପଡିଯିବା ପରେ ମଧ୍ୟରେ ଦୁର୍ବୃତ୍ତମାନେ ବାଡ଼ି ଠେଙ୍ଗା ସାହାଯ୍ୟରେ ପିଟି ଚାଲିଥିଲେ। ଏପରିକି ସେଠାକୁ ଆସିଥିବା ଭାରତୀଙ୍କୁ ମଧ୍ୟ ଆଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ହତ୍ୟା ଧମକ ଦେଇ ଘଟଣା ସ୍ଥଳରୁ ଚାଲି ଯାଇଥିଲେ। ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ଚୌଧୁରୀ ଓ ଗୁରୁଚରଣଙ୍କୁ ଉଦ୍ଧାର କରି କୁଣ୍ଢେଇଗୋଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଆଜି ଭାରତୀ ଥାନାକୁ ଆସି ଲିଖିତ ରିପୋର୍ଟ ଦେବାରୁ ପୁଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଲିଟନ, ତାପସ ଓ ସିଦ୍ଧାନ୍ତ ମାହାରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ତିନି ଗିରଫ, ୪ ଫେରାର୍**



## ରିଆମାଳ ଜେଏମ୍‌ଏଫ୍‌ସି କୋର୍ଟ କୋଠାର ଶିଳାନ୍ୟାସ

**ରିଆମାଳ, ୨୦।୩(ସମିସ):** ରିଆମାଳ ବ୍ଲକବାସୀଙ୍କ ପାଇଁ ସୁବର୍ଣ୍ଣ ଦିନ। ରିଆମାଳ ପଞ୍ଚାୟତ ସୁବର୍ଣ୍ଣପାଲିରେ ନୂତନ ଜେଏମ୍‌ଏଫ୍‌ସି କୋର୍ଟର କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଭର୍ଚୁଆଲ ଭିଡିଓ କନଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତରକୁ ଲୋକାର୍ପିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲା ତଥା ଦେୱାନୀ ଜଜ୍ ଜଷ୍ଟିସ୍ ଗୌତମ ଶର୍ମା, ରେଜିଷ୍ଟାର ସୁଧିର ମିଶ୍ର, ରିଆମାଳ ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରପତି ଦିପାରାଣୀ ଜେନା ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ପ୍ରମୋଦ ନନ୍ଦ, ଆଇନଜୀବୀ ସଞ୍ଜୟ ସାହୁ, ଆଇନଜୀବୀ ଜୟନ୍ତ ନାଏକ, ଆଇନଜୀବୀ ଜ୍ଞାନେନ୍ଦ୍ର ବିଶ୍ୱାଳ ଓ ଗୌତମ ପ୍ରଧାନ ସମେତ ଦେବଗଡ଼ ଜିଲ୍ଲାର ବହୁ ବରିଷ୍ଠ ଆଇନଜୀବୀ, ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଜମି କିଣାବିକା ନେଇ ଭିଣୋଇ-ଶଳା ବିବାଦ

**ଝାରସୁଗୁଡ଼ା, ୨୦।୩(ସମିସ):** ଝାରସୁଗୁଡ଼ା ସଦର ଥାନାଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ଜମି କିଣି ଦେବା ଓ ଚାକିରି କରେଇଦେବା ନାଁରେ ତାଙ୍କ ଭିଣୋଇଠାରୁ ୧୫ ଲକ୍ଷ ଟଙ୍କା ଆତ୍ମସାତ କରିବା ନେଇ ଅଭିଯୋଗ ହୋଇଛି। ଏନେଇ ବିହାର ଗୋପାଳଗଞ୍ଜର ମୁନା ତିୱାରୀ ବୁଧବାର ସଦର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଶଳା ଓ ଶଳା ଭାଉଜ ଗତ ୨୦୨୧ରେ ଜମି କିଣିଦେବାକୁ ଓ ରେଙ୍ଗାଲି ଶ୍ୟାମ ଡିଆରଆଇ କମ୍ପାନୀରେ ଚାକିରି କରେଇ ଦେବା ନାଁରେ ପର୍ଯ୍ୟାୟକ୍ରମେ ୧୫ ଲକ୍ଷ ଟଙ୍କା ନେଇ ଆତ୍ମସାତ କରିଛନ୍ତି। ଏହାକୁନେଇ ସେ ଗତ ୨୦୨୨ରେ ଗୋପାଳଗଞ୍ଜ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଝାରସୁଗୁଡ଼ାରେ ରହୁଥିବା ତାଙ୍କ ଶଳା ଓ ଶଳା ଭାଉଜକୁ କୋର୍ଟ ୱାରେଣ୍ଟ ଜାରୀ କରିବାପରେ ମଧ୍ୟ କୌଣସି ସୁଫଳ ନି ମିଳିବାରୁ ଆଜି ପୁଣି ସେ ନ୍ୟାୟ ପାଇଁ ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗୋପାଳ ଗଞ୍ଜ କୋର୍ଟର ତାଙ୍କ ପାଖକୁ କୌଣସି ୱାରେଣ୍ଟ ଏଯାଏ ଆସି ନଥିବା ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଛାୟତ କହିଛନ୍ତି।

## ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣା: ଦୁଇ ଅଭିଯୁକ୍ତ ଗିରଫ

**ବ୍ରଜରାଜନଗର, ୨୦।୩ (ସମିସ):** ଓରିଏଣ୍ଟ ଥାନାଞ୍ଚଳରୁ ଜଣେ ବ୍ୟବସାୟୀଙ୍କୁ ଯାତ୍ରୀବାହୀ ଅଟୋଚାଳକ ଓ ତାଙ୍କ ସାଥୀ ନିଜ ଅଞ୍ଚଳରେ ଛାଡିଦେବାକୁ କହି ଟଙ୍କା ସହ ଶାଢ଼ି ଲୁଟ୍ କରିଥିଲେ। ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଝାରସୁଗୁଡା ଥାନା ମଙ୍ଗଳବଜାର ଚକ୍ରାବିଡ଼ି ଅଞ୍ଚଳର ମହମ୍ମଦ କୁରବାନ(୨୨) ଓ ମିଲଟ କଲୋନୀ ଅଞ୍ଚଳର ମହମ୍ମଦ ଅରମାନ(୧୯)। ବ୍ୟବହୃତ ଅଟୋ ରିକ୍ସାକୁ ପୁଲିସ ଜବତ କରିଛି। ସୂଚନା ଅନୁସାରେ, ସୁନ୍ଦରଗଡ ରାଏଡ଼ିହି ଅଞ୍ଚଳର ଶାଢ଼ି ବ୍ୟବସାୟୀ ଜଗନ୍ନାଥ ମେହେର (୪୩) ସମ୍ବଲପୁରରୁ ଶାଢ଼ି ଆଣି ଝାରସୁଗୁଡା ବମ୍ବେ ଛକରେ ଓହ୍ଲାଇଥିଲେ। ଶାଢ଼ୀ ନେଇ ଏକ ଯାତ୍ରୀବାହୀ ଅଟୋରେ ଗାନ୍ଧୀଛକ ଦେଇ ନିଜ ଘରକୁ ଫେରୁଥିଲେ। ଗାନ୍ଧୀଛକରେ ଅନ୍ୟ ଯାତ୍ରୀମାନେ ଓହ୍ଲାଇଯିବା ପରେ ଅଟୋ ଚାଳକ ତାଙ୍କୁ ରାଜପୁର ଦେଇ ନିଜ ଘରେ ଛାଡ଼ିଦେବାକୁ କହିଥିଲେ। କୌଶଳ ବଶତଃ ଓରିଏଣ୍ଟ ଥାନାଞ୍ଚଳକୁ ନେଇ ଯାଇ ଅଟୋଚାଳକ ଓ ଅନ୍ୟ ସହଯୋଗୀ ମିଶି ବ୍ୟବସାୟୀଙ୍କ ନିକଟରୁ ଶାଢ଼ି, ମୋବାଇଲ ଓ ଟଙ୍କା ଲୁଟ୍ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଓରିଏଣ୍ଟ ଥାନା ପୁଲିସ ତରଫରୁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ

**ଝାରସୁଗୁଡ଼ା, ୨୦।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ନିଜସ୍ୱ ତତ୍ୱାବଧାନ ଏବଂ ମୋତିଲାଲ ଯାଦବ ମେମୋରିଆଲ ସମଲେଶ୍ୱରୀ ହସ୍ପିଟାଲର



ସାହାଯ୍ୟତାରେ ହଁସାମୁରା କଟାପାଲିରେ ଥିବା ଜିଲ୍ଲା ହକି ଷ୍ଟାଡିଅମରେ ସାତଦିନିଆ ଆବସିକ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଜାତୀୟସ୍ତରୀୟ କୋଚ ରିଷିକେଶ ଲାକ୍ରାଙ୍କ ତତ୍ୱାବଧାନରେ ପ୍ରଶିକ୍ଷଣ ପରିଚାଳିତ ହେଉଛି। ଜାତୀୟ ସ୍ତରରେ ହକି ଖେଳିଥିବା ମହିଳା ପ୍ରଶିକ୍ଷକ ରୀନାରଶ୍ମି ତିର୍କୀ, ସଂଗୀତା ରୋଜ କୁଲ୍ଲୁ ଓ ଗାୟତ୍ରୀ କିସାନ ସହଯୋଗ କରୁଛନ୍ତି। ଶିବିରରେ ଝାରସୁଗୁଡା ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ଦେବୀପ୍ରସାଦ ଯାଦବ, ଶଙ୍କର ପଟେଲଙ୍କ ସହ ଗଣେଶଚନ୍ଦ୍ର ନାୟକ, ବିଜୟ ବେହେରା ଓ ପ୍ରଜ୍ୱଳ ପଟେଲ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ଝାରସୁଗୁଡା ଜିଲ୍ଲାର ଲଖନପୁର, ଲାଇକେରା, କିରମିରା, କୋଲାବିରା, ଝାରସୁଗୁଡା ବ୍ଲକ ଓ ଟାଉନର ୧୫୦ରୁ ଅଧିକ ୯ରୁ ୧୫ ବର୍ଷ ବର୍ଗର ହକି ଖେଳାଳିମାନେ ରହିଛନ୍ତି। ଝାରସୁଗୁଡା ଜିଲ୍ଲାରେ ହକିର ପ୍ରସାର କରିବା ସହ ସ୍କୁଲସ୍ତରୀୟ ଖେଳାଳି ସୃଷ୍ଟି କରିବା ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓଡିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। ସ୍ଥାନୀୟ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାଳିକାଙ୍କ ପାଇଁ ରହିବା ପାଇଁ ବନ୍ଦୋବସ୍ତ ହୋଇଥିବା ବେଳେ ହକି ଷ୍ଟାଡିୟମରେ ବାଳକମାନେ ଅବସ୍ଥାନ କରୁଛନ୍ତି। କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ସୁଶାନ୍ତ ବେହେରା, ଜିତେନ୍ଦ୍ର ମହନ୍ତ ଏବଂ ଅନିରୁଦ୍ଧ ପ୍ରଧାନ ପରିଚାଳନାରେ ସହଯୋଗ କରୁଛନ୍ତି।

## ଯୁବକଙ୍କୁ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ

**ବ୍ରଜରାଜନଗର, ୨୦।୩(ସମିସ):** ବ୍ରଜରାଜନଗର ଥାନା ୨ ନମ୍ବର ଠାକୁରପଡାସ୍ଥିତ ଟାଉନ ସ୍ପେସାଲ ରେଷ୍ଟୁରେଣ୍ଟ ନିକଟରେ ଜଣେ ଯୁବକଙ୍କୁ କିଛି ଯୁବକ ଅଟକାଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଓପିଏମ୍ କଲୋନୀ ଅଞ୍ଚଳର ବିଶାଳ ବାଗ ଗତ ୧୮ ତାରିଖ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ୨ନମ୍ବର ଠାକୁରପଡା ନିକଟରେ ଗୁଆଲାପଡାର ଲଭଲି, ଅଭିଷେକ ଠାକୁର ଏବଂ ଅନ୍ୟମାନେ ଅଟକାଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲେ। ବିଶାଳ ପ୍ରତିବାଦ କରିବାରୁ ଲଭଲି ଏକ ଚାକୁ ଦ୍ୱାରା ଆକ୍ରମଣ କରିବା ସହିତ ସମସ୍ତେ ମିଶି ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ପରେ ରାସ୍ତାରେ ଯିବା ଆସୁଥିବା କିଛି ବ୍ୟକ୍ତି ଆସିବାରୁ ସମସ୍ତେ ସେଠାରୁ ଚାଲିଯାଇଥିଲେ। ଘଟଣାକୁ ନେଇ ମଙ୍ଗଳବାର ଥାନରେ ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ୨ ବର୍ଷରୁ ନିଜ ଝିଅକୁ ତକିଆରେ ଚିପି ମାରିଲା ମାଁ

**ଝାରସୁଗୁଡ଼ା, ୨୦।୩(ସମିସ):** ନିଜ ସନ୍ତାନ ପାଇଁ ମାଁ ସବୁକିଛି ସୁଖ ସୁବିଧା ତ୍ୟାଗ କରେ; କିନ୍ତୁ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ଲଖନପୁର ପଞ୍ଚାୟତର ପିକୋଲ, ମୌଜାର ଖଲିଆବାହାଲ ଗ୍ରାମରେ ଏହାର ଏକ ଓଲଟା ଘଟଣା ଦେଖିବାକୁ ମଳିଛି। ଗାଁର ବିଦ୍ୟାଧର ବାଗ୍‌ଙ୍କ ଦୁଇବର୍ଷିଆ ଝିଅର ହତ୍ୟା କରାଯାଇଥିବା ବେଳେ ଏହି ଘଟଣାରେ ମା' ଝରଣା ବାଗଙ୍କୁ ପୁଲିସ ରହସ୍ୟଜନକ ପରିସ୍ଥିତିରେ ଗିରଫ କରିଛି। ଏହାସହ ଘଟଣାର ପର୍ଦାଫାସ କରିଛି ପୁଲିସ।

**ଖସିଯିବାକୁ ଉଦ୍ୟମ ବେଳେ ଧରିଲା ପୁଲିସ**

ପୁଲିସ ନିକଟରୁ ମିଳିଥିବା ସୂଚନା ମୁତାବକ, ଅଭିଯୁକ୍ତ ଝରଣା ଗତ ୨୦୨୧ରେ ଖଲିଆବାହାଲ ଗ୍ରାମର ବିଦ୍ୟାଧର ବାଗଙ୍କୁ ଅନିଚ୍ଛାରେ ବିବାହ କରିଥିଲା। ବିବାହର ପ୍ରଥମ ମାସରୁ ବିବାହ ବନ୍ଧନ ତୁଟାଇ ବାପ ଘରକୁ ପଳାଇବାକୁ ତା'ର ବାପା ମାଆକୁ କହିଥିଲା। ବାପାମାଆ ବୁଝାସୁଝା କରିଥିଲେ। ଏହାମଧ୍ୟରେ ଝରଣା ଅନ୍ତଃସତ୍ତ୍ୱା ହୋଇ ୨୦୨୨ରେ ଶିଶୁକନ୍ୟାକୁ ଜନ୍ମ ଦେଇଥିଲା। ଏହାପରେ ମଧ୍ୟ ସ୍ୱାମୀ ଓ ଶଶୁରଙ୍କୁ ନିଚ ମନେ କରି ପଳାଇବାକୁ ତାର ବାପାମାଆଙ୍କୁ କହିଥିଲା। ବାପାମାଆ ତାକୁ ଏଭଳି କରିବାକୁ ମନା କରିଥିଲେ। ଶେଷରେ ବିବାହ ବନ୍ଧନରୁ ମୁକ୍ତି ପାଇବାକୁ ନିଜ ଔରସରୁ ଜନ୍ମ କରିଥିବା କୁନି ଝିଅକୁ ହତ୍ୟା କରିଥିଲା। ତକିଆ ସାହାଯ୍ୟରେ ପାଟି ଓ ନାକକୁ ବନ୍ଦ କରିଦେବାରୁ ଝିଅର ମୃତ୍ୟୁ ହୋଇଥିଲା। ଝିଅ ମରିଯିବା ଜାଣି ଦୁଇଟି ସୁନାମାଳି, ରୁପା ଅଳଙ୍କାର, ସୁନାର କାନଫୁଲ ଓ ଏକ ମୋବାଇଲ ଧରି ଗାଧୋଇ ଯିବା ବାହାନାରେ ଘରୁ ପଳାଇଥିଲା ମା' ଝରଣା। ପୁଲିସ ଘଟଣାର ତଦନ୍ତକ୍ରମରେ ଝରଣାକୁ ବୁଧବାର ସୀମାନ୍ତ ଛତିଶଗଡ଼ ରାୟଗଡ଼ ନିକଟରୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ମାଆର ବୟାନ ସମସ୍ତଙ୍କୁ ଚକିତ କରିଦେଇଛି। ପୁଲିସ ଆଗରେ ସେ ହତ୍ୟା କରିଥିବା ସ୍ୱୀକାରୋକ୍ତି ପ୍ରକାଶ କରିଥିଲା। ତାକୁ ଏକ ହତ୍ୟା ମାମଲାରେ କୋର୍ଟ ଚାଲାଣ କରାଯାଇଥିବା ଲଖନପୁର ଥାନାଧିକାରୀ ବିନୋଦ କୁମାର ରାଓ ସୂଚନା ଦେଇଛନ୍ତି।

## ମାରୱାଡ଼ି ସମାଜ ପକ୍ଷରୁ ନିଶାନ ପଦଯାତ୍ରା

**ଦେବଗଡ଼, ୨୦।୩(ସମିସ):** ଫାଲଗୁନ ଏକାଦଶୀ ତିଥିରେ ରାଜସ୍ଥାନସ୍ଥିତ ଖାଟୁ ଧାମର ବାବା ଶ୍ୟାମଙ୍କ ଜନ୍ମଦିନ ଅବସରରେ ଦେବଗଡ଼ଠାରେ ମାରୱାଡି ସମାଜ ପକ୍ଷରୁ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୁରୁଣାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ଦେବଗଡ଼ ମାରୱାଡ଼ି ସମାଜର ମହିଳାଙ୍କ ଦ୍ୱାରା ନିଶାନ ପଦଯାତ୍ରା ବାହାରି ମହିଳାମାନେ ହାତରେ ଧ୍ୱଜ ଧରି ବାବାଙ୍କ ଭଜନ ଓ ଶ୍ୟାମ ବାବାଙ୍କ ଧ୍ୱନି ଦେଇ ନଗର ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ସମସ୍ତେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହିତ ଆଳତି କରିଥିଲେ। ପରେ ଭଜନ ସହିତ ନାଚ ଗୀତ କରି ଫୁଲର ହୋଲି ଖେଳିଥିଲେ। ଭକ୍ତମାନେ ଧ୍ୱଜାକୁ ନେଇ ଘରେ ବାନ୍ଧିଥିଲେ। ଉମା ଗୋଏଲ, ସୁନେନା ଅଗ୍ରୱାଲ, କିରଣ ଅଗ୍ରୱାଲ, ପାଏଲ ମିତଲ, କବିତା ଗୋଏଲ ଓ ସୌରଭ ଗୋଏଲ, ବଜରଙ୍ଗ ଅଗ୍ରୱାଲଙ୍କ ସମେତ ବହୁ ମହିଳା ପୁରୁଷ ଭକ୍ତ ଯୋଗ ଦେଇଥିଲେ।



# ପର୍ଯ୍ୟଟନସ୍ଥଳୀରେ ଜଙ୍ଗଲ ଆଇନର ଖୋଲା ଉଲଂଘନ

ଦେବଗଡ଼, ୨୦।୩(ସମିସ)

ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟର ବିକାଶ ଓ ସୁରକ୍ଷା ନେଇ ବିସ୍ତୃତ ଭାବେ ସଚେତନତାର ଆବଶ୍ୟକ ଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ନେଇ ଆବଶ୍ୟକ ଅର୍ଥ ମଞ୍ଜୁର ସହ କାର୍ଯ୍ୟ କରାଉଛନ୍ତି। ଏହି ପ୍ରସିଦ୍ଧ ତଥା ସମ୍ବେଦନଶୀଳ ପର୍ଯ୍ୟଟନସ୍ଥଳ ଅପରୂପ ଶୋଭାରାଜି ଓ ସଂରକ୍ଷିତ ଜଙ୍ଗଲ ତଥା ପାହାଡ଼ ମଧ୍ୟରେ ରହିଛି। ଏଠାରେ ଜଙ୍ଗଲ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ ସମସ୍ତଙ୍କୁ ଚକିତ କରିଛି। ଅଭିଯୋଗ ଅନୁସାରେ, ପ୍ରଧାନପାଟର ସାମଗ୍ରିକ ବିକାଶ ପାଇଁ ବନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପକୁ ଜନସାଧାରଣ ଗ୍ରହଣ କରିଥିଲେ ମଧ୍ୟ ସଂରକ୍ଷିତ ଜଙ୍ଗଲରେ ଥିବା ଏକାଧିକ ସରକାରୀ କୋଠାକୁ ଏକ ଏନଜିଓ ଦୀର୍ଘ ବର୍ଷ ଧରି ନିଜ ଅକ୍ତିଆରରେ ରଖିଛି। ସେବା ନାମରେ ନିଜ ରୋଜଗାର ଚଳାଇଥିବା ବେଳେ ଜିଲ୍ଲା ପ୍ରଶାସନ କିମ୍ବା ବନ ବିଭାଗ କେଉଁ ଉଦେଶ୍ୟରେ ଉକ୍ତ ସ୍ୱେଚ୍ଛାସେବୀ ସଂସ୍ଥା ପାଇଁ ସଂରକ୍ଷିତ ଜଙ୍ଗଲ ଆଇନକୁ ଅଣଦେଖା କରିଛନ୍ତି ସେନେଇ ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି।

ପ୍ରଧାନପାଟଠାରେ ଜିଲ୍ଲାର ବାରକୋଟ, ରିଆମାଳ ଓ ତିଳେଇବଣି ବ୍ଲକ ପକ୍ଷରୁ ତିନୋଟି ଡାକ ବଙ୍ଗଳା ନିର୍ମାଣ କରାଯାଇଥିଲା। କୌଣସି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସମୟରେ ବ୍ଲକ କର୍ମଚାରୀଙ୍କ ସାମୟିକ ଅବସ୍ଥାନ ଉଦେଶ୍ୟରେ ଶାନ୍ତି, ମୈତ୍ରୀ ଓ ପ୍ରୀତି ନାମରେ ନିର୍ମିତ ଏହି ତିନି ଡାକ ବଙ୍ଗଳା କିଛି ସମୟ ପାଇଁ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ସରକାରୀ



**ସଂରକ୍ଷିତ ଜଙ୍ଗଲରେ ଏନଜିଓ ଚଳାଇଛି ୱାନ୍‌ଷ୍ଟପ ସେଣ୍ଟର୍**

ବାସଭବନ ଭାବେ ବ୍ୟବହୃତ ହୋଇଥିଲା। ୨୦୧୯ରେ ତତ୍କାଳୀନ ଜିଲ୍ଲାପାଳ ସୁଧାଂଶୁ ମୋହନ ସାମଲ ଏକ ସ୍ୱେଚ୍ଛାସେବୀ ସଂଗଠନକୁ ୱାନଷ୍ଟପ ସେଣ୍ଟର ବା ସଖୀ ସେଣ୍ଟର ଖୋଲିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତରବରିଆ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ସେଠାରେ ସଖୀ ସେଣ୍ଟର କାର୍ଯ୍ୟକ୍ଷମ ଥିବା ଯୋଗୁଁ ସେଠାରେ ରହୁଥିବା ଏକାଧିକ କର୍ମଚାରୀ ଯାନବାହନ ବ୍ୟବହାର କରିବା ସହ ନିଷିଦ୍ଧାଞ୍ଚଳରେ ରାତ୍ରି ସମୟରେ ମଧ୍ୟ ଏକାଧିକ ମହିଳା କର୍ମଚାରୀ ଓ ସେଠାକୁ ଆସୁଥିବା ପୀଡିତା ମହିଳା ରହୁଥିବାରୁ ଏଠାରେ ସଂରକ୍ଷିତ ଜଙ୍ଗଲ ଆଇନର ଖୋଲାଖୋଲି ଉଲଂଘନ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପ୍ରଧାନପାଟ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସଂରକ୍ଷିତ ଜଙ୍ଗଲ ଆଇନ କାର୍ଯ୍ୟକାରୀ କରାଯାଉଥିବା ବେଳେ ଏକ ଏନଜିଓ ପାଇଁ ଏହି ଆଇନକୁ କେଉଁ ଉଦେଶ୍ୟରେ ଜଳାଞ୍ଜଳି ଦିଆଯାଉଛି ସେ ନେଇ ଜନ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପ୍ରଶାସନ ଓ ବନବିଭାଗ ଏ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ପ୍ରକୃତିପ୍ରେମୀ ମହଲରେ ଦାବି ହେଉଛି।

ପ୍ରକାଶଥାଉ କି, ରାଜ୍ୟସରକାର ଏହି ସ୍ଥାନର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହାର ନବକଳେବର ଦାୟିତ୍ୱ ବନ ବିଭାଗ ନିଜ ହାତକୁ ନେଇଛି। ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଝରଣାର ପାଦଦେଶରେ ପର୍ଯ୍ୟଟକଙ୍କ ବଣଭୋଜି ପାଇଁ ଥିବା ପିଣ୍ଡି ଓ ଆଖପାଖ ଅଞ୍ଚଳର ଉନ୍ନତିକରଣ କାର୍ଯ୍ୟ ସାଙ୍ଗକୁ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ସେହିପରି ପର୍ଯ୍ୟଟକଙ୍କ ପାଇଁ ୱାଟର ଏଟିଏମ ସହ ଶୌଚାଳୟ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ମୋଟାମୋଟି ଭାବେ ସମଗ୍ର ପ୍ରଧାନପାଟ ଜଳପ୍ରପାତ ପାଦଦେଶ ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲ ଆଇନ ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳରେ ଜନସାଧାରଣ ବା ଜନବସତି ପାଇଁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏଭଳି ଅବସ୍ଥାରେ କେଉଁ ଉଦେଶ୍ୟରେ ସେଠାରେ ଏକ ସର୍ବସାଧାରଣ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

